**ଦୁର୍ଘଟଣାରେ ଶ୍ରମିକ ମୃତ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଟର୍ମିନାଲ ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତି ୯ଟାରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶ୍ୱରଞ୍ଜନ ମଙ୍ଗରାଜ (୩୭)। ତାଙ୍କ ଘର ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ। ସେ ବାଉରିଆପାଳନ୍ଦା ବସ୍ତିରେ ରୁହନ୍ତି। କୌଣସି କାମରେ ସେ ପାରାଦୀପରୁ ଘରକୁ ବାଇକ୍‌ରେ ଫେରୁଥିବା ବେଳେ ଅଜଣା ଗାଡି ସହ ଧକ୍କା ହୋଇଥିଲା। ସେ ରାସ୍ତା ଉପରେ ପଡି ରହିଥିଲେ। ତାଙ୍କୁ ପଥଚାରୀ ଦେଖି ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପ ଉପରେ ତ୍ରିପାକ୍ଷିକ ଆଲୋଚନା



ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଆଲୋଚନାରେ ଅଂଶଗ୍ରହଣ କରିଥିବା ମନ୍ତ୍ରୀ, ଜିଲା ପ୍ରଶାସନ, କମ୍ପାନୀ କର୍ମଚାରୀ ଓ ଲୋକମାନେ।

**ଜଗତ୍‌ସିଂହପୁର ଅଫିସ, ୧୦।୧୧**

- ଲୋକଙ୍କୁ ନିଯୁକ୍ତି, ସିଏସ୍‌ଆର୍ ପାଣ୍ଠି ବିନିଯୋଗ ହେବ
- ଜଙ୍ଗଲ ଜମି, ପାନବରଜ ଆଦିର କ୍ଷତିପୂରଣ ଦିଆଯିବ

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ୫୩,୭୦୦ କୋଟି ଟଙ୍କା ବିନିମୟରେ ପାରାଦୀପରେ ସମନ୍ୱିତ ଇସ୍ପାତ ପ୍ରକଳ୍ପ କରିବାକୁ ପ୍ରସ୍ତାବ ରହିଛି। ଏ ନେଇ ପ୍ରକ୍ରିୟା ଚାଲିଥିବା ବେଳେ ବୁଧବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ପ୍ରଶାସନ ପକ୍ଷରୁ କମ୍ପାନୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଜିନ୍ଦଲ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ମୁଖ୍ୟ ପରିଚାଳନା ଅଧିକାରୀ ରଞ୍ଜନ ନାୟକ ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ବିଶେଷକରି ସିଏସ୍‌ଆର୍ ପାଣ୍ଠି ବିନିଯୋଗ କରି କିପରି ଆଞ୍ଚଳିକ ଉନ୍ନୟନ କରିହେବ, ତାହା ଉପରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ହେବାକୁ ଥିବା ପାନବରଜ ମାଲିକ, ଶ୍ରମିକଙ୍କୁ କ୍ଷତିପୂରଣ ଦିଆଯିବ। ଜଙ୍ଗଲ ଜମି ହସ୍ତାନ୍ତର ହେଲେ ଏଥିରେ ଥିବା ବୃକ୍ଷ ବାବଦ ଜଙ୍ଗଲ ସୁରକ୍ଷା କମିଟିର କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା ହେବ। ପ୍ରକଳ୍ପ ପ୍ରତିଷ୍ଠା ହେଲେ ଲୋକଙ୍କୁ ନିଯୁକ୍ତି ସୁବିଧା ମିଳିପାରିବ ବୋଲି କହିଥିଲେ। ଜିଲାପାଳ ପାରୁଲ ପଟାୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଏବଂ ଏସ୍‌ପି ଅଖିଳେଶ୍ୱର ସିଂହ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବୈଠକରେ ଜିନ୍ଦଲ ଉତ୍କଳ ଷ୍ଟିଲ ଲିମିଟେଡ୍‌ର କର୍ମକର୍ତ୍ତା, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ବିଭାଗୀୟ ଅଧିକାରୀ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ପ୍ରଭାବିତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପାଟଣାରେ ଜିନ୍ଦଲ ବିରୋଧରେ ପ୍ରତିବାଦ ସଭା

**କୁଜଙ୍ଗ,୧୦।୧୧(ଡି.ଏନ୍.ଏ.)**

ଜିନ୍ଦଲ ପ୍ରକଳ୍ପ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଆଲୋଚନା ଚାଲିଥିବା ବେଳେ ଜିନ୍ଦଲ ଓ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ପକ୍ଷରୁ ଢିଙ୍କିଆର ପାଟଣା ହାଟଠାରେ ପ୍ରକଳ୍ପକୁ ବିରୋଧ କରି ପ୍ରତିବାଦ ସଭା ହୋଇଥିଲା। ଢିଙ୍କିଆର ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ, ତ୍ରିଲୋଚନପୁର, ପାଟଣା ଗାଁର ଶତାଧିକ ମହିଳାପୁରୁଷ ଯୋଗଦେଇ ପ୍ରକଳ୍ପକୁ ବିରୋଧ କରିଥିଲେ। ସଭାରେ ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ମୁଖପାତ୍ର ପ୍ରଶାନ୍ତ ପାଇକରାୟ, ବସ୍ତି ସୁରକ୍ଷା ମଞ୍ଚ ନେତ୍ରୀ ସାଥୀ ପ୍ରମିଳା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଜନସାଧାରଣଙ୍କୁ ଏକଜୁଟ ହୋଇ ଜମି, ଜଳ, ଜଙ୍ଗଲ ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବାକୁ କହିଥିଲେ। କୌଣସି ପରିସ୍ଥିତିରେ ବି ଆମେ ଭିଟାମାଟି ଛାଡିବୁ ନାହିଁ। ଏହାର ସୁରକ୍ଷା କରିବାକୁ ବଦ୍ଧ ପରିକର ବୋଲି ସେମାନେ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଜେନା, ସମରେନ୍ଦ୍ର ନାୟକ, ପ୍ରଶାନ୍ତ ସ୍ୱାଇଁ, ଚନ୍ଦନ ମହାନ୍ତି, ସଞ୍ଜୟ ବେହେରା, ବିଶ୍ୱପ୍ରିୟା ପଣ୍ଡା, ଶାନ୍ତି ଦାସ, ତୋଫାନ ବିଶ୍ୱାଳ, ଧନଞ୍ଜୟ ବେହେରା, ବାସୁଦେବ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ।




ଜିନ୍ଦଲକୁ ବିରୋଧ କରି ପ୍ରତିରୋଧ ସଂଗ୍ରାମ ସମିତିର ଶୋଭାଯାତ୍ରା।

## ସଂକ୍ଷେପରେ

### ଅପହୃତ ଶିଶୁପୁତ୍ରଙ୍କ ମୃତଦେହ ଜବତ

ବିରିଡ଼ି,୧୦।୧୧(ଡି.ଏନ୍.ଏ.): ବିରିଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ଗାଁର କହ୍ନେଇଲାଲ ଭୋଇଙ୍କ ଦୁଇବର୍ଷର ଶିଶୁପୁତ୍ର ସୌମ୍ୟରଞ୍ଜନଙ୍କୁ ସୋମବାର କେହି ବ୍ୟକ୍ତି ଅପହରଣ କରିନେଇଥିଲେ। ତାଙ୍କ ମୃତଦେହ ବୁଧବାର ଜବତ ହୋଇଛି। ଏ ନେଇ ସୌମ୍ୟଙ୍କ ମା' ସୁନୁଲତା ଥାନାରେ ଅଭିଯୋଗ କରିଥିଲେ। କହ୍ନେଇଲାଲଙ୍କ ଘର ପଛପଟ ଯୋରରୁ ବୁଧବାର ପୂର୍ବାହ୍ନରେ ସୌମ୍ୟଙ୍କ ମୃତଦେହ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି।

### ପୃଥକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

କୁଜଙ୍ଗ,୧୦।୧୧(ଡି.ଏନ୍.ଏ.): କୁଜଙ୍ଗ ଥାନା ଅଞ୍ଚଳରେ ପୃଥକ୍ ଭାବେ ୨ଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର ତାଳଦଣ୍ଡା ଚୌଧୁରୀଗଡ଼ା ନିକଟରେ ଗୌରପଡ଼ା ଗାଁର ଭୀମସେନ ମୁଦୁଲି (୭୦) ରାସ୍ତା ପାର ହୋଇ ବିଲକୁ ଯାଉଥିଲେ। ଏହି ସମୟରେ ପାରାଦୀପରୁ କଟକ ଅଭିମୁଖେ ଯାଉଥିବା କାର (ନଂ. ଓଡି ୦୨କ୍ୟୁ ୯୯୯୭) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଭୀମସେନଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ। ଡାକ୍ତର ଭୀମସେନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପୁଅ ଦୀନବନ୍ଧୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୩୯୩/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାତ୍ର ଘଟଣାସ୍ଥଳରୁ ଗାଡ଼ି ଫେରାର ହୋଇଯାଇଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସେହିପରି କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ପଙ୍କପାଳଠାରେ ଜଗତ୍‌ସିଂହପୁରରୁ ଆମ୍ବୁଲାନ୍ସ (ନଂ.ଓଡି ୦୨ ବିଜେ ୦୮୪୮) ଫେରୁଥିଲା। ଏହି ସମୟରେ ପ୍ରତାପପୁର ଗାଁର ଟୁକୁନା ସ୍ୱାଇଁ ଓ ବାଲିତୁଠର ସୁଶାନ୍ତ ମଲ୍ଲ ଏକ ବାଇକ୍‌ରେ ଆସି ଆମ୍ବୁଲାନ୍ସକୁ ପଛରୁ ଧକ୍କା ଦେଇ ସେଠାରେ ପଡି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲା। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ପଠା ଯାଇଛି। ଏ ନେଇ ନଂ.୩୯୬/୨୧ରେ ମାମଲା ରୁଜୁ ହୋଇଛି।

### ବିଦ୍ୟୁତ୍ ଶର୍ଟସର୍କିଟରୁ ୪ ବଖରା ଜଳିଗଲା

ତିର୍ତ୍ତୋଲ,୧୦।୧୧(ଡି.ଏନ୍.ଏ.): ତିର୍ତ୍ତୋଲ ତହସିଲ ଅଧୀନ ବିରିତୋଳ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡରେ ୪ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡ଼ିଯାଇଛି। ଗ୍ରାମର ରମେଶ ସାସ୍‌ମଲ ଓ ଉମେଶ ସାସ୍‌ମଲଙ୍କ ଘରେ ଏହି ନିଆଁ ଲାଗିଥିଲା। ଖବରପାଇ ତିର୍ତ୍ତୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବୁଧବାର କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ଏହି ଅଗ୍ନିବିପନ୍ନ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ହାଇୱା ଜବତ, ୫୦ ହଜାର ଜରିମାନା

ବିରିଡ଼ି,୧୦।୧୧(ଡି.ଏନ୍.ଏ.): ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ବିଲୁଆଖାଇ ନଦୀର ଶଙ୍ଖାରିସାହି ବ୍ରିଜ ଉପରୁ ବାଲି ବୋଝେଇ ହାଇୱା (ନଂ. ଓଡି ୦୯ ଜି ୨୮୪୮)କୁ ରବିବାର ଜବତ କରିଥିଲେ। ବୁଧବାର ହାଇୱା ଉପରେ ୫୦ ହଜାର ଟଙ୍କା ଜରିମାନା ଓ ରୟାଲିଟି ଆଦାୟ କରିବା ପରେ ତହସିଲଦାର ଛାଡି ଦେଇଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ଗଠିତ

କୁଜଙ୍ଗ,୧୦।୧୧(ଡି.ଏନ୍.ଏ.): ଶତାୟୁ କୁଜଙ୍ଗ ବନ ବିହାରୀ ଉଚ୍ଚ ବିଦ୍ୟାଳୟର ଅଭିଭାବକଙ୍କୁ ନେଇ ପରିଚାଳନା କମିଟି ବୁଧବାର ଗଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ନକ୍ଷତ୍ର ପରିଡା ସଭାପତି, ସୁପ୍ରଭା ବାରିକ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସଭ୍ୟ ଭାବେ ଦିଲୀପ କୁମାର ଦାସ, କେଦାର କୁମାର ପରିଡ଼ା, ଦିଲୀପ ମହାନ୍ତି, ପ୍ରମୋଦ କୁମାର ଦାସ, ସରୋଜିନୀ ନାୟକ, ରୋଜାଲିନ ପ୍ରଧାନ, ସୁକାନ୍ତି ବିଶ୍ୱାଳ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା କୁମାରୀ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଯାତ୍ରୀବାହୀ ଟ୍ରେନ୍ ପାଇଁ ରେଳରୋକୋ

**କେନ୍ଦ୍ରାପଡ଼ା ଅଫିସ, ୧୦।୧୧**

କେନ୍ଦ୍ରାପଡ଼ା ଜିଲା ମ'ଧ ଦେଇ ୨୦୨୦ ଜୁଲାଇ ୨୪ରୁ ମାଲବାହୀ ଟ୍ରେନ ଚଳାଚଳ କରୁଛି। ଏହି ରେଳ ପଥରେ ଯାତ୍ରୀବାହୀ ଟ୍ରେନ ଚଳାଇବା ଦାବି କରି କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ୪ ଘଣ୍ଟିଆ ରେଳରୋକୋ ଗୋପ ସ୍ଥିତ କେନ୍ଦ୍ରାପଡ଼ା ରେଳ ଷ୍ଟେଶନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ରେଳରୋକୋର ନେତୃତ୍ୱ ନେଇଥିବା ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, ରେଳ ହେଉଛି ବିକାଶର ମାର୍ଗ। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଅଦ୍ୟାବଧି ପଡିନାହିଁ। ମାଲବାହୀ ଗାଡି ଚଳାଚଳ ପରେ ଜିଲାବାସୀ ଶିଳ୍ପ ପାଇଁ ଭିତ୍ତିଭୂମି ସହ ଯାତ୍ରାପଥ ସୁଗମ ହେବ ବୋଲି ଚିନ୍ତା କରିଥିଲେ। ଏଥିପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାର, ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ସୁଫଳ ମିଳିପାରୁନି। ଏବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପି ଅଶ୍ୱିନୀ ବୈଷ୍ଣବ କେନ୍ଦ୍ର ସରକାରଙ୍କ ରେଳମନ୍ତ୍ରୀ ଅଛନ୍ତି। ମନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ବହୁବାର ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସୁଫଳ ନ ମିଳିବାରୁ ପୂର୍ବାହ୍ନ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରେଳରୋକୋ କରାଯାଇ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୌମେନ୍ଦ୍ର କୁମାର ପୃଷ୍ଟି, ଶରତ କୁମାର ବେହୁରା, ସମ୍ବିତ ଶ୍ରୀଚନ୍ଦନ, ମୁର୍ସିଦ ଆଲମ ପ୍ରମୁଖ ସାମିଲ ହୋଇଥିଲେ।



ରେଳରୋକୋରେ ସାମିଲ ହୋଇଥିବା କଂଗ୍ରେସର ନେତା ଓ କର୍ମୀମାନେ।

# ମିଶନ ଶକ୍ତି ଗୃହ ନିର୍ମାଣ ବିବାଦ ତେଜିଲା

**ବିରିଡ଼ି, ୧୦।୧୧(ଡି.ଏନ୍.ଏ.)**

**ଏସ୍‌ଏଚ୍‌ଜିଙ୍କ କଥା ଶୁଣିବାକୁ ବିଡିଓ ନାରାଜ**

ବିରିଡ଼ି ବ୍ଲକ ବଟିମୀରା ପଞ୍ଚାୟତର ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ତେଜିବାରେ ଲାଗିଛି। ବ୍ଲକ କର୍ତ୍ତୃପକ୍ଷ ଜନବସତିଠାରୁ ଦୂର ଗୋଚର କିସମ ଜମିରେ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ହେଲେ ଯେଉଁ ସ୍ଥାନରେ ଗୃହ କରାଯାଉଛି, ତାହା ଦିନରେ ମଧ୍ୟ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ପଞ୍ଚାୟତର ୬୧ ଏସ୍‌ଏଚ୍‌ଜିର ସଭ୍ୟାମାନେ ବିରୋଧ ଜାରି ରଖିଛନ୍ତି। ଫଳରେ ବୁଧବାର ବହୁ ସଂଖ୍ୟକ ମହିଳା ଗୃହ ନିର୍ମାଣ କାମ ବନ୍ଦ କରିବା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ ମଧ୍ୟ ମହିଳାଙ୍କ ଦାବି ପ୍ରତି ସହାନୁଭୂତି ଜଣାଇ ଧାରଣା ସ୍ଥଳରେ ପହଞ୍ଚି ଥିଲେ। ହେଲେ ବିଡିଓ ହେମନ୍ତ କୁମାର ମହାନ୍ତ ସେମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି କହିଥିଲେ। ଯେ ପର୍ଯ୍ୟନ୍ତ ଦାବି ପୂରଣ ପାଇଁ ଧାରଣା ଚାଲିବ ବୋଲି ମହିଳା ଏସ୍‌ଏଚ୍‌ଜିର ସଭାନେତ୍ରୀ ଭାନୁପ୍ରଭା ଭୋଇ କହିଛନ୍ତି। ଅପରପକ୍ଷରେ ଗୋଚର ଜମିରେ ଗୃହ ନିର୍ମାଣ କରିବାକୁ ରାଜସ୍ୱ ବିଭାଗ ଅନୁମତି ଦେଇନାହିଁ ବୋଲି ବିରିଡି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ କହିଛନ୍ତି। ରାଜସ୍ୱ ନିରୀକ୍ଷକ ଜାଗା ଚିହ୍ନଟ କରି ନିଅଁ ଖୋଳିବାକୁ କହିଛନ୍ତି ବୋଲି ବିଡିଓ ମହାନ୍ତ କହିବାରୁ ରାଜସ୍ୱ-ପଞ୍ଚାୟତିରାଜ ବିଭାଗ ମୁହାଁମୁହିଁ ହୋଇଛନ୍ତି। ହଳଦିଆପଡା ମୌଜାର ଜନବସତି ନିକଟରେ ଗୃହ ନିର୍ମାଣ ପାଇଁ ମହିଳାମାନେ ଦାବି କରି ବିଡିଓ, ତହସିଲଦାର, ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଥିଲେ। କାରଣ ଗୃହରେ ମହିଳାମାନେ ବିଭିନ୍ନ ବିକ୍ରି ଯୋଗ୍ୟ ଜିନିଷ ରଖିବା ସହ ବୈଠକ କରିବାକୁ ନିୟମ ରହିଛି। ମାତ୍ର ବ୍ଲକ ପ୍ରଶାସନ ଗୃହକୁ ଗାଁର ନିଛାଟିଆ ସ୍ଥାନରେ କରୁଛନ୍ତି, ଫଳରେ ମହିଳାମାନେ ବିରୋଧ କରୁଛନ୍ତି। ସନ୍ଧ୍ୟାରେ ମହିଳାମାନେ ଗୋଚରରେ ବେଆଇନ ଭାବେ ହେଉଥିବା ଗୃହକୁ ଭାଙ୍ଗିଦେବେ ବୋଲି ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ବିରୁଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

# ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ

**ପଟ୍ଟାମୁଣ୍ଡାଇ,୧୦।୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରପରିଷଦରେ ଆଗାମୀ ନିର୍ବାଚନ ପାଇଁ ମୋଟ ୨୦ଟି ୱାର୍ଡର ସଂରକ୍ଷଣ ତାଲିକା ସରକାରୀ ଭାବେ ମଙ୍ଗଳବାର ପ୍ରକାଶ ପାଇଛି। ସରକାରୀ ଭାବେ ପ୍ରକାଶ ପାଇଥିବା ତାଲିକା ଅନୁଯାୟୀ ୱାର୍ଡ ନଂ.୧, ୪, ୧୧, ୧୩ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ. ୨, ୩, ୭, ୮, ୧୪, ୧୯ ଅଣସଂରକ୍ଷିତଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ. ୫, ୧୦, ୧୬ ମାଟିଆ ଅନୁସୂଚିତଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ. ୬ ,୧୨, ୨୦ ଅନସୂଚିତଜାତି ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ୱାର୍ଡ ନଂ. ୯ ଓ ୧୭ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ.୧୫ ପଛୁଆବର୍ଗ ଓ ୱାର୍ଡ ନଂ.୧୮ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଆସନ୍ତା ୧୮ ତାରିଖ ମଧ୍ୟରେ ଜିଲାପାଳଙ୍କ ନିକଟରେ ସଂରକ୍ଷଣକୁ ନେଇ ଆପତି ଅଭିଯୋଗ ଦାଖଲ ପରେ ୨୯ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବା ନେଇ ସରକାରୀ ଭାବେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି।

# ଜମାଖାତାରୁ ୪୦ ହଜାର ଉଠାଇ ନେଲେ

**ଡେରାବିଶ,୧୦।୧୧(ସ୍ୱ.ପ୍ର.)**

- ବ୍ୟାଙ୍କ ମିତ୍ରଙ୍କ ଚଞ୍ଚକତା ଅଭିଯୋଗ
- ଚାନ୍ଦୋଳ ଫାଣ୍ଡିରେ ମହିଳାଙ୍କ ଏତଲା

ଡେରାବିଶ ବ୍ଲକ୍ ଦାନପୁରଠାରେ ଥିବା ଇଣ୍ଡିଆନ୍ ବ୍ୟାଙ୍କର ଗ୍ରାହକ ମିତ୍ର ସୌଦାମିନୀ ଜେନା ଗ୍ରାହକ କନକଲତା ନାୟକଙ୍କ ଜମାଖାତାରୁ ଚଞ୍ଚକତା କରି ୪୦ ହଜାର ଟଙ୍କା ଉଠାଇ ନେଇଥିବା ଚାନ୍ଦୋଳ ଫାଣ୍ଡି ଓ ଦାନପୁର ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଚଞ୍ଚକତାରେ ବ୍ୟାଙ୍କର କେତେଜଣ କର୍ମଚାରୀ ସମ୍ପୃକ୍ତ ଥିବା କନକଲତା ଏତଲାରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାହକମାନଙ୍କୁ ଘରେ ବ୍ୟାଙ୍କ ସେବା ଯୋଗାଇଦେବା ପାଇଁ ଏହି ବ୍ୟାଙ୍କ ଶାଖା ପକ୍ଷରୁ ଗ୍ରାହକ ମିତ୍ର ନିଯୁକ୍ତ କରାଯାଇଛି। ଗ୍ରାହକ ମିତ୍ର ଗ୍ରାହକମାନଙ୍କ ଘରକୁ ଯାଇ ସେମାନଙ୍କ ଜମାଖାତାରେ ଟଙ୍କା ଜମା କରାଇପାରିବେ ଓ ଦରକାର ବେଳେ ଉଠାଣ କରିପାରିବେ। ଦାନପୁର ପଞ୍ଚାୟତ ଭାଗବତପୁର ଗ୍ରାମର କନକଲତାଙ୍କ ଜମାଖାତାରେ ତାଙ୍କ ସ୍ୱାମୀଙ୍କ ଅକାଳ ମୃତ୍ୟୁ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ମିଳିଥିବା ୨ଲକ୍ଷ ଟଙ୍କାର ବୀମାରାଶି ଜମା ରହିଥିଲା। ସେ ତାଙ୍କର ଜମାଖାତାରୁ ଚଳିତବର୍ଷ ଏପ୍ରିଲ ମାସ ୨୬ ଓ ୨୭ ତାରିଖରେ ୧୦ ହଜାର ଟଙ୍କା ଲେଖା ୪ ଥରରେ ମୋଟ ୪୦ ହଜାର ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଏହି ଟଙ୍କା ଉଠାଣ କରି ନ ଥିବା ବେଳେ କିପରି ୪୦ହଜାର ଟଙ୍କା ତାଙ୍କ ଜମାଖାତାରୁ କଟିଲା ସେ ନେଇ ବ୍ୟାଙ୍କ ଗ୍ରାହକମିତ୍ର ଜେନାଙ୍କୁ ପଚାରିଥିଲେ। ବୀମା ଟଙ୍କା ଆମ ଚେଷ୍ଟା ଦ୍ୱାରା ତୁମକୁ ମିଳିଥିଲା । ମୁଁ ଓ ବ୍ୟାଙ୍କ କର୍ମଚାରୀ ବାଣ୍ଟି ନେଇଛୁ ବୋଲି ସେ କହିଥିବା କନକଲତା ତାଙ୍କ ଏତଲାରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଶାଖା ପରିଚାଳକ ବିଶ୍ୱଜିତ୍ ଶ୍ରୀନାଚରା କହିଛନ୍ତି, କନକଲତା କରିଥିବା ଅଭିଯୋଗ ମୁଁ ପାଇଛି। ହେଲେ ଏହି ଘଟଣା ଘଟିବାର ୫ ମାସ ପରେ ମୁଁ ଏହି ଶାଖାରେ ଯୋଗଦେଇଛି । ପୁଣି ଉକ୍ତ ଘଟଣା ବ୍ୟାଙ୍କ ପରିସର ବାହାରେ ଘଟିଛି । ଯଦି କନକଲତାଙ୍କ ପ୍ରତି କିଛି ଅନ୍ୟାୟ ହୋଇଛି ତା'ହେଲେ ସେ ଆଇନର ଆଶ୍ରୟ ନେଇପାରିବେ ବୋଲି କହିଛନ୍ତି । ଗ୍ରାହକ ମିତ୍ର ଜେନା କହିଛନ୍ତି, କନକଲତା ମେଶିନ୍‌ରେ ଅଙ୍ଗୁଳି ଛାପ ଦେଇ ଟଙ୍କା ଉଠାଣ କରିବା ସହ ତାଙ୍କ ନିକଟରେ ଥିବା ରେଜିଷ୍ଟରରେ ଦସ୍ତଖତ କରି ଟଙ୍କା ଗ୍ରହଣ କରିଛନ୍ତି । ଏଥିରେ କୌଣସି ଅନିୟମିତତା ହୋଇନାହିଁ। ତାଙ୍କ ନାମରେ ମିଛ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି।

# ତଦନ୍ତକୁ ନେଇ ଅସନ୍ତୋଷ, ଏସ୍‌ପିଙ୍କୁ ଗୁହାରି

**ବାଲିକୁଦା, ୧୦।୧୧(ସ୍ୱ.ପ୍ର.)**

- ନଦୀକୁ ଯୁବକଙ୍କୁ ଫିଙ୍ଗି ହତ୍ୟା ଘଟଣା
- ଗ୍ରାମବାସୀଙ୍କ ଖବରଦାତା ସମ୍ମିଳନୀ

ବାଲିକୁଦା ଥାନା ଅଧୀନ ବଡ଼ଗାଁ ପଞ୍ଚାୟତ ଜଅଁରା ଗାଁର ସ୍ୱର୍ଗତ ଧର୍ମାନନ୍ଦ ଦାସଙ୍କ ପୁଅ ଦିପୁନାଙ୍କୁ ନଦୀକୁ ଫିଙ୍ଗି ହତ୍ୟା କରିବା ଘଟଣାକୁ ସପ୍ତାହେ ବିତିଲାଣି। ପୋଲିସ ଏ ଦିଗରେ ସେଭଳି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ। ଅଟକ ଅଭିଯୁକ୍ତ ଆଲୋକ ଦାସକୁ ଛାଡ଼ି ଦେବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏପରି କି ଅଭିଯୁକ୍ତମାନଙ୍କ ପାଇଁ ପୋଲିସ ଓକିଲାତି କରୁଥିବା ଅଭିଯୋଗ ଆଣି ତଦନ୍ତ ଧାରାକୁ ବାଟବଣା କରାଯାଉଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଜଅଁରାଠାରେ ବୁଧବାର ଖବରଦାତା ସମ୍ମିଳନୀ କରାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

ପୋଲିସ ହାଲୁକା ଭାବେ ଘଟଣାକୁ ଗ୍ରହଣ କରିଛି। ସମ୍ମିଳନୀରେ ଦିପୁନାଙ୍କ ମା' ଟିକିନା ଉପସ୍ଥିତ ରହି ମୋ' ପୁଅର ହତ୍ୟାକାରୀଙ୍କୁ ଗିରଫ କରି କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି। ଏ ନେଇ ଏସ୍‌ପିଙ୍କୁ ଗୁହାରି କରାଯାଇଛି। ମୃତ ଦିପୁନାଙ୍କ ବଡ଼ଭଉଣୀ ଯାତ୍ରାରେ ଅଭିନୟ କରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ମୃତ ଭଉଣୀର କ୍ଷତିପୂରଣ ବାବଦକୁ ୨ ଲକ୍ଷ ୨୧ ହଜାର ଟଙ୍କା ସେପ୍ଟେମ୍ବର ୩ରେ ମିଳିଥିଲା। ଯାହାକୁ ଦିପୁନା ନିଜ ବ୍ୟାଙ୍କ ଆକାଉଣ୍ଟରେ ଜମା ରଖିଥିଲା। ସେ ଟଙ୍କାର ୧ ଲକ୍ଷ ୯୦ ହଜାର ଟଙ୍କା ଦୁଇମାସ ମଧ୍ୟରେ ସେ ଉଠାଇଛି। ଏଥିରୁ ଅଭିଯୁକ୍ତ କୁହାଯାଉଥିବା ଆଲୋକ ୨୦ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ। ସେହି ଟଙ୍କାକୁ ନେଇ ପୁଅ ଦିପୁନାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ଟିକିନା ନ୍ୟାୟ ଭିକ୍ଷା କରିଛନ୍ତି। ଏଥିରେ ଏକାଧିକ ବ୍ୟକ୍ତି ସାମିଲ ଥିବା ଆଶଙ୍କା କରାଯାଇଛି। ଦିପୁନା ପାଖରେ ଏତେ ଟଙ୍କା ଦେଖି ତାହାକୁ ନେବାକୁ ଯୋଜନା କରିଥିଲେ। ସେହି ଟଙ୍କା ନେଇ କେତେଜଣ ସାଙ୍ଗ ମଦ, ମାଂସ ଖାଇ ମଉଜ କରିବା ଚକ୍କରରେ ଥିଲେ। ଦୁପିନା ନଦୀକୁ ଖସି ପଡିବା ବେଳେ ଘଟଣାସ୍ଥଳରେ ଦୁଇ ସାଙ୍ଗ ଆଲୋକ ଦାସ ଓ ରାଜା ପରିଡା ଉପସ୍ଥିତ ଥାଇ ଉଦ୍ଧାର କରି ନ ଥିଲେ। ବରଂ ନିକଟସ୍ଥ ଘେରିକୁ ଯାଇ କର୍ମଚାରୀଙ୍କୁ ଡାକି ଉଦ୍ଧାର କଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ। ସେହିପରି ଦୁପିନାଙ୍କ ଦାଦା ପୁଅ ଭାଇ କାଳିଆଙ୍କୁ ରାଜା ଫୋନ କରି ଘଟଣା ସମ୍ପର୍କରେ କହି ଡାକିଥିଲେ। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ରାଜା ନ ଥିବା ବେଳେ ଆଲୋକ ଉପସ୍ଥିତ ଥିଲେ। କାଳିଆ ଭାଇ ଦିପୁନା ସମ୍ପର୍କରେ ପଚାରିବାରୁ ଆଲୋକ ଗାଳିଗୁଲଜ କରିବା ସହ ତୋ ଭାଇ ଘରେ ଯାଇ ଶୋଇଲାଣି ବୋଲି କହିଥିଲେ। ଯାହାକୁ ନେଇ କାଳିଆ ମନରେ ସନ୍ଦେହ ଉପୁଜିଥିଲା। ପୋଲିସ ଏହିସବୁ ଦିଗପ୍ରତି ଦୃଷ୍ଟି ନ ଦେଇ ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରୁଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।



ଖବରଦାତା ସମ୍ମିଳନୀରେ ସାମିଲ ପରିବାର ଲୋକ ଓ ଗ୍ରାମବାସୀ।

## ବଳରାମ ଯୋଜନାରେ ସହାୟତା ରାଶି ବଣ୍ଟନ

**ମାର୍ଶାଘାଇ, ୧୦।୧୧ (ଡି. ଏନ. ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବଳରାମ ଯୋଜନାରେ ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ହିତାଧିକାରୀମାନଙ୍କୁ ଚେକ୍ ପ୍ରଦାନ କରିଛନ୍ତି। ବ୍ଲକର କୁହୁଡ଼ି, ବଟିରା, ଦୁମୁକା, ଅନ୍ତେଇ, ଆଖୁଆ, ଗରଜଙ୍ଗା ଓ ମାର୍ଶାଘାଇର ୨୦୩ ଗ୍ରୁପକୁ ଚେକ୍ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମାର୍ଶାଘାଇର ପରିଚାଳକ ଦୁର୍ଗା ମାଧବ ନନ୍ଦ, କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ବ୍ଲକର ପୂର୍ବତନ ଅଧକ୍ଷ ସଞ୍ଜୟ ଲେଙ୍କା, ଜିଲା ଉପସଭାପତି ଗଙ୍ଗାଧର ପରିଡା, ଅଶୋକ ମହାପାତ୍ର, ସରପଞ୍ଚ ଲାବଣ୍ୟବତୀ ସେନାପତି, ନଳିନୀକାନ୍ତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

## ଏରେଡା ବାଲି ସଇରାତ ପାଇଁ ନିଲାମ ପ୍ରକ୍ରିୟା ଶେଷ

**ନାଉଗାଁ,୧୦।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀନଦୀର ଏରେଡା ବାଲି ସଇରାତ ପାଇଁ ଟେଣ୍ଡର ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଉକ୍ତ ଟେଣ୍ଡର ପକାଇବା ପାଇଁ ନଭେମ୍ବର ୧୦ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ସମୁଦାୟ ୩ଟି ଟେଣ୍ଡର ପେପର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜେ.କଳ୍ପନା, ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ଉପସ୍ଥିତରେ ଅପରାହ୍ନ ୩ ଟାରେ ନିଲାମ ପାଇଁ ଟେଣ୍ଡର ପକାଇଥିବା ନିଲାମଧାରୀମାନେ ଉପସ୍ଥିତ ରହିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ଟେଣ୍ଡର କାଗଜପତ୍ରଗୁଡିକ ଖୋଲା ଯାଇଥିଲା। ସମୁଦାୟ ୩ଟି ପେପରରେ ବାଲି ସିଏମ୍ ପ୍ରତି ୧୯୯୯ ଟଙ୍କାରେ ବୈଷ୍ଣବ ଚରଣ ନାୟକ, ଲକ୍ଷ୍ମୀପ୍ରିୟା ପୃଷ୍ଟି ସିଏମ୍ ପ୍ରତି ୧୫୬୦ଟଙ୍କା ଓ ଅଜିତ କୁମାର ରାଉତରାୟ ସିଏମ୍ ପ୍ରତି ୬୫୧ ଟଙ୍କାରେ ପକାଇଥିବା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

## ଧୋୟାଞ୍ଚଳକୁ ପୋଲ ନିର୍ମାଣ ପାଇ ସ୍ଥାନ ନିରୂପଣ

**ରାଜକନିକା,୧୦।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାଜକନିକା ବ୍ଲକର ନମତରାପଟୁ ପଦନିପାଳ ଦଇତାରିପୁର ନଦୀନାଳ ଘେରା ଦ୍ୱୀପାଞ୍ଚଳକୁ ସଡ଼କପଥରେ ସଂଯୋଗ କରିବା ପାଇଁ ପୋଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେଉଛି। ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପୋଲ ଲମ୍ବ ୧୩୫ ମିଟର ହେବ । ୫ଟି ଖମ୍ବରେ ପୋଲ ନିର୍ମାଣ ହେବ। ବୁଧବାର ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା ଓ କନିଷ୍ଠଯନ୍ତ୍ରୀ ଅୟସ ମହାପାତ୍ର ପ୍ରମୁଖ ଆସି ପୋଲ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିଛନ୍ତି। ବହୁ ପ୍ରତୀକ୍ଷିତ ପୋଲ ନଦୀ ନାଳ ଘେରା ଅଞ୍ଚଳରେ ହେଉଥିବାରୁ ଗ୍ରାମରେ ଖୁସିର ଲହରି ଖେଳି ଯାଇଛି। ଦେଢ଼ ବର୍ଷ ମଧ୍ୟରେ ଏହି ପୋଲର ନିର୍ମାଣ ଶେଷ ହେବ ବୋଲି ସହକାରୀଯନ୍ତ୍ରୀ ପଣ୍ଡା କହିଛନ୍ତି ।

## ଭାଜପାର ମିଶ୍ରଣ ପର୍ବ

**ରାଜକନିକା,୧୦।୧୧(ଡି.ଏନ.ଏ.)**

ରାଜକନିକା ବ୍ଲକ ଅବଦୁଲପୁର ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥିଭାବେ ଆଳି ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ଦୋଳ ଗୋବିନ୍ଦ ନାୟକ ଓ ମୁଖ୍ୟବକ୍ତାଭାବେ ଭାଜପାର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଶାସକ ବିଜେଡି ଉପରେ ବର୍ଷିଥିଲେ। ୨୭ ନମ୍ବର ଜୋନ୍ ସଭାପତି ଅନୁରାଧା ସାମଲ, କାର୍ତ୍ତିକ ଚନ୍ଦ୍ର ଦାଶ, ଜୀବନାନନ୍ଦ ମଳିକ, ଅଧିକାରୀ ନାୟକ, ସୂର୍ଯ୍ୟକାନ୍ତ ଦାସ ଓ ଅନିରୁଦ୍ଧ ସାମଲ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସୁମନ୍ତ ଦାସ, ନିରଞ୍ଜନ ଓଝା, ବିକଳି ଚରଣ ଦାସ,ଶକ୍ତିଧର ଜେନା, ଯୁଗଳକିଶୋର ମଳିକଙ୍କ ସମେତ ଶତାଧିକ ବ୍ୟକ୍ତି ଭାଜପାରେ ସାମିଲ ହୋଇଥିଲେ।

## ତମ୍ବା, ପିତ୍ତଳ ତାର ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

ରସୁଲପୁର,(ଡି.ଏନ.ଏ.): କୁଆଖିଆ ଥାନା ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ସଞ୍ଜୟ ସାହୁ(୪୦)ଙ୍କ ଘରୁ ପୋଲିସ ଆନୁମାନିକ ୩ କୁଇଣ୍ଟାଲ ତମ୍ବା, ପିତ୍ତଳ, ଆଲୁମିନିୟମ ତାର ଜବତ କରିଛି। ଏଥିସହିତ ଚୋରା ସ୍କ୍ରାପ କାରବାରରେ ସମ୍ପୃକ୍ତି ଦର୍ଶାଇ ପୋଲିସ ସଞ୍ଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସଞ୍ଜୟ ଦୀର୍ଘବର୍ଷ ଧରି ଚୋରା ସ୍କ୍ରାପ୍ ବ୍ୟବହାରକରୀ ବାସନକୁସନ ପ୍ରସ୍ତୁତ କରୁଥିଲେ। ଏ ସମ୍ପର୍କରେ ପୋଲିସ ଖବର ପାଇ ରାତି ଅଧିଆ ଚଢ଼ାଉ କରିଥିଲା। ଚଢ଼ାଉବେଳେ ଘଟଣାସ୍ଥଳରୁ ୧୪ ବସ୍ତା ତମ୍ବା, ୨ ବସ୍ତା ଆଲୁମିନିୟମ ଓ ଏକ ପିତ୍ତଳ ତାର ବୋଝେଇ ଅଟୋ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୩୮୮/୨୧ ରୁଜୁ ହୋଇଛି।

## ସଂକ୍ଷେପରେ

### ମହିଳାଙ୍କୁ କମେଣ୍ଟ ମାରି ଯୁବକ ଗିରଫ

**ଧର୍ମଶାଳା,୧୦।୧୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ତେଲିପୋଖରୀ ଅଞ୍ଚଳର ଜଣେ ମହିଳାଙ୍କୁ କମେଣ୍ଟ ମାରିବା ଓ ଅଶ୍ଲୀଳ ଇଙ୍ଗିତ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ତେଲିପୋଖରୀ ଗ୍ରାମର ଦିଲୀପ ମଲ୍ଲିକ ବୋଲି ଜଣାପଡ଼ିଛି। ଦିଲୀପ ସମ୍ପୃକ୍ତ ମହିଳାଙ୍କୁ କମେଣ୍ଟ ମାରିବା ସହ ଅଶ୍ଲୀଳ ଇଙ୍ଗିତ କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୨୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଜେସିବି ଜବତ, ମାଲିକ ଗିରଫ

**ଧର୍ମଶାଳା/ଜେନାପୁର,୧୦।୧୧ (ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ କୁସୁନପୁର କଳାପଥର ଖାଦାନରେ ବେଆଇନ ଭାବେ ଖନନ କରୁଥିବା ଏକ ଜେସିବିକୁ ଜେନାପୁର ପୋଲିସ ବୁଧବାର ଜବତ କରିବା ସହ ଏହାର ମାଲିକଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶ୍ୟାମସୁନ୍ଦରପୁର ଗ୍ରାମର ରବୀନ୍ଦ୍ର ରାଉତ। ରବୀନ୍ଦ୍ର ବେଆଇନ ଭାବେ କଳାପଥର ଖନନ କରୁଥିଲେ। ଖବର ପାଇ ଜେନାପୁର ପୋଲିସ ସେଠାରେ ଚଢ଼ାଉ କରି ଜେସିବି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ନଂ.୩୩୬/୨୧ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

### ଇମ୍ଫା ପକ୍ଷରୁ ୨ ଆମ୍ବୁଲାନ୍ସ ଲୋକାର୍ପିତ

**କାଳିଆପାଣି,୧୦।୧୧(ଡି.ଏନ.ଏ.):** ଇମ୍ଫା କମ୍ପାନୀର ୨ ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ବୁଧବାର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଇମ୍ଫାର ବରିଷ୍ଠ ଉପସଭାପତି ସଞ୍ଜୀବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସୁକିନ୍ଦା ଖଣିର ଉପସଭାପତି ସୁଧାଂଶୁ ପାଟନି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଘଡ଼ାଇ ନିଜ ବକ୍ତବ୍ୟରେ ଇମ୍ଫା କର୍ତ୍ତୃପକ୍ଷଙ୍କ ଏତାଦୃଶ ପଦକ୍ଷେପ ଖଣି ଅଞ୍ଚଳ ପାଇଁ ଲାଭଦାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏଭଳି ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଆମ୍ବୁଲାନ୍ସ ସମସ୍ତ କର୍ମଚାରୀଙ୍କ ଆକସ୍ମିକ ବିପଦ ଆପଦରେ ସହାୟକ ହୋଇପାରିବ ବୋଲି ଉପସଭାପତି ଦାସ ପ୍ରକାଶ କରିଥିଲେ। ଉକ୍ତ ଦୁଇ ଆମ୍ବୁଲାନ୍ସରେ ଭେଣ୍ଟିଲେଟର, ସିରିଜ ପମ୍ପ, ଡିଫେବ୍ରିଲେଟର, ପେସେଣ୍ଟ ମନିଟର ଓ ଫୋଲ୍‌ଡିଂ ଷ୍ଟ୍ରେଚର ଆଦି ଅତ୍ୟାଧୁନିକ ଡାକ୍ତରୀ ଯନ୍ତ୍ରପାତି ରହିଛି। ଉତ୍ସବରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତ, କମ୍ପାନୀର ବରିଷ୍ଠ ପରିଚାଳକ ଅଜୟ ବେହେରା, ଜଗନ ମୋହନ ମଲ୍ଲିକ ଓ ମିଳନ ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗନଗରରେ ବେଆଇନ ଚିପ୍ସ ୟାର୍ଡ

- ନକଲି ଟିପିରେ କାରଖାନାକୁ ଚାଲାଣ
- ଲୋକାୟୁକ୍ତରେ ମାମଲା ବିଚାରାଧୀନ
- ୨୬ରେ ଚୂଡ଼ାନ୍ତ ଶୁଣାଣି

**ଯାଜପୁର ଅଫିସ,୧୦।୧୧**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଶାସନ ନିକଟସ୍ଥ ଦିଗାମ୍ବରପୁର ଛକଠାରେ ପ୍ରାୟ ୧୦ ଏକର ଜମିରେ ବିପୁଳ ପରିମାଣର ବେଆଇନ ଚିପ୍ସ ପାହାଡ଼ ଭଳି ଗଦା ହୋଇଛି। ଲୋକାୟୁକ୍ତରେ ମାମଲା ରୁଜୁ ହେବାପରେ ଗତ ଜୁଲାଇ ମାସରେ ବିଛାଖଣ୍ଡି ଓ ଏହାର ଆଖପାଖ ଅଞ୍ଚଳରୁ ରାତି ଅଧିଆ ଉପରୋକ୍ତ ଚିପ୍ସ ସ୍ଥାନାନ୍ତର କରାଯାଇ ବେଆଇନ ଭାବେ ଦିଗାମ୍ବରପୁର ଛକଠାରେ ୟାର୍ଡ କରାଯାଇଛି। ତେବେ ଏଠାରୁ ନକଲି ଟିପି (ଟ୍ରାନ୍‌ଜିଟ ପାସ୍) ତିଆରି କରି ସାଇରାମ ଟ୍ରାନ୍ସପୋର୍ଟ ଯୋଗେ କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାର ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥାକୁ ସେହି ଚିପ୍ସ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ତେବେ ବିଛାଖଣ୍ଡି ମାମଲାରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ତଦନ୍ତ ଚାଲିଥିବାରୁ ଉକ୍ତ ୟାର୍ଡ ଉପରେ ମଧ୍ୟ ଭିଜିଲାନ୍ସ ଚଢାଉ କରିବାକୁ ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ଦାବି କରିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ, ରାହାଡ଼ପୁର, କୁସୁନପୁର, ବିଛାଖଣ୍ଡି, ବାଜବାଟି, ଚଢ଼େଇଧରା ପ୍ରଭୃତି ପାହାଡ଼ ପାଦଦେଶରେ ଏବେ ବି ଶତାଧିକ ବେଆଇନ କ୍ରସର ଗଢି ଉଠିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ସିଲ୍ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ସେହିସବୁ ପଦକ୍ଷେପ କେବଳ ସ୍ଥାନ ଓ ମାଲିକ ଚିହ୍ନଟ କରି ବଟି ଆଦାୟ କରିବାକୁ ଉଦ୍ଦିଷ୍ଟ ଥିଲା ବୋଲି ଏବେ ସବୁଠି ଚର୍ଚ୍ଚା ହେଉଛି। ଏହି କାରଣରୁ କ୍ଲଷ୍ଟର ୟୁନିଟ୍‌କୁ ମଧ୍ୟ ଜିଲା ପ୍ରଶାସନ ଜାଣିଶୁଣି ବିଭିନ୍ନ ଆଳ କରି ସମୟ ଗଡ଼ାଇ ଚାଲିଛନ୍ତି। ଏହାର ସୁଯୋଗରେ ବ୍ୟବସାୟୀମାନେ ବେଆଇନ କଳାପଥର



କଳିଙ୍ଗନଗର ଦିଗାମ୍ବରପୁର ଛକ ନିକଟରେ ଥିବା ଚିପ୍ସ ୟାର୍ଡ।

ଖାଦାନ ସାଙ୍ଗକୁ କ୍ରସର ସ୍ଥାପନ କରି ସରକାରଙ୍କ ବିପୁଳ ରାଜସ୍ୱ ଅର୍ଥକୁ ଶ୍ରାଦ୍ଧ କରି ଚାଲିଛନ୍ତି। ଏନେଇ ଗଣମାଧ୍ୟମରେ ନିୟମିତ ଖବର ପ୍ରକାଶ ପାଉଥିବାରୁ ସରକାର କେତେକାଂଶରେ ବଦନାମ ମଧ୍ୟ ହେଉଛନ୍ତି। କିନ୍ତୁ ସରକାରଙ୍କ ବଦନାମକୁ ଭ୍ରୁକ୍ଷେପ ନ କରି ନିଜର ସମ୍ପତ୍ତି ଠୁଳ କରିବା ନୀତିରେ ଲାଗିଛନ୍ତି ବୋଲି ମତ ପ୍ରକାଶ ପାଇଛି। ଲୋକାୟୁକ୍ତ ମାମଲାକୁ ଭୟ କରି ଗତ ୩ ମାସ ହେଲା ବିଛାଖଣ୍ଡି ପାହାଡ଼ରେ କ୍ରସର କାମ ବନ୍ଦ ହୋଇଥିଲାବେଳେ ଗତ ୩ ରୁ ୪ ଦିନ ତଳେ ପୁଣି ଏକ ନୂତନ କ୍ରସର ସ୍ଥାପନ ହୋଇଥିବା ସୂଚନା ମିଳିଛି। ଏହିସବୁ ବେଆଇନ କ୍ରସରରୁ ଦୈନିକ ହାଇୱା ଗାଡ଼ିରେ ଓଭରଲୋଡିଂ କରି ଶତାଧିକ ଟ୍ରିପ୍ ଚିପ୍ସ ଦିଗାମ୍ବରପୁର ଛକ ୟାର୍ଡକୁ ସ୍ଥାନାନ୍ତର କରାଯାଉଛି। ଏହି ୟାର୍ଡକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ପରିଚାଳନା କରୁଥିବାରୁ ଜିଲା ପ୍ରଶାସନ ହାତ ମାରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଏହି ବେଆଇନ କାର୍ଯ୍ୟରେ ଜେନାପୁର, ଯଖପୁରା ଓ କଳିଙ୍ଗନଗର ଥାନା ପୋଲିସ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। କାରଖାନା କାର୍ଯ୍ୟରେ ବିକ୍ରୀ ହୋଇଥିବା ଚିପ୍ସ ବାବଦ ଅତୀତର ଟିପିଗୁଡ଼ିକୁ ତଦନ୍ତ କରାଗଲେ ସମସ୍ତ ଦୁର୍ନୀତି ପଦାକୁ ଆସି ପାରନ୍ତା ବୋଲି ଦାବି ଉଠିଛି।

ଉଲ୍ଲେଖଯୋଗ୍ୟ, ଗତ ୧୨।୪।୨୦୨୧ରେ ଓଡ଼ିଶା ଲୋକାୟୁକ୍ତ ଅଧକ୍ଷ ୧୨୦/୨୦୨୧ ନମ୍ବର ମାମଲା ଉପରେ ଶୁଣାଣି କରି ବିଛାଖଣ୍ଡି ପାହାଡ଼ ଏବଂ ଜଙ୍ଗଲ ଜମି ଅଞ୍ଚଳରେ କଳାପଥର ଲୁଟ ସଂକ୍ରାନ୍ତରେ ଭିଜିଲାନ୍ସ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ଅନୁସନ୍ଧାନର ରିପୋର୍ଟ ୨ ମାସ ମଧ୍ୟରେ ଦାଖଲ କରାଯିବ ବୋଲି ନିର୍ଦ୍ଦେଶ ହୋଇଥିଲା। ତେବେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରି ଗତ ୧୩।୫।୨୦୨୧ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କୁ ବିଛାଖଣ୍ଡି କଳାପଥର ଖାଦାନ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମାଗିଥିଲେ। ଏହିକ୍ରମରେ ଆରୁହା ଏବଂ ବିଛାଖଣ୍ଡି ମାମଲା ଉପରେ ବୁଧବାର ଲୋକାୟୁକ୍ତ ନିର୍ଦ୍ଦେଶକ ୭୦ ରୁ ୮୦ ପୃଷ୍ଠାର ରିପୋର୍ଟ ଦାଖଲ କରିଥିବା ସୂଚନା ମିଳିଛି। ଆସନ୍ତା ୨୬ ତାରିଖରେ ଏହି ମାମଲାଦ୍ୱୟ ଉପରେ ଶୁଣାଣି କରିବାକୁ ଲୋକାୟୁକ୍ତଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି।

### ବନ୍ଦ ଖଣିରୁ ଲୁହାପଥର ଚୋରି ବେଳେ ଜେସିବି, ଟ୍ରକ୍ ଜବତ

**କଳିଙ୍ଗନଗର,୧୦।୧୧(ଡି.ଏନ୍.ଏ.)**

ଦୀର୍ଘଦିନରୁ ବନ୍ଦ ରହିଥିବା ଟମ୍‌କା ଲୁହାପଥର ଖଣିରେ ଉତ୍ତୋଳିତ ହୋଇ ଗଦା ହୋଇଥିବା ମୂଲ୍ୟବାନ ଲୁହାପଥର ମାଫିଆଙ୍କ ଦୃଷ୍ଟିରେ ରହିଛି । ନିୟମିତ ବ୍ୟବଧାନରେ ସେଠାରୁ ବେଧଡ଼କ ଖଣିଜ ଲୁଟ ଚାଲିଛି । ବୁଧବାର ଭୋର ସମୟରେ ଲୁଟରେ ନିୟୋଜିତ ଥିବା ଏକ ଜେସିବି ଓ ୧୨ ଚକିଆ ଟ୍ରକକୁ ଟମ୍‌କା ବନବିଭାଗ କର୍ମଚାରୀମାନେ ଜବତ କରିବାରେ ସକ୍ଷମ ହୋଇଛନ୍ତି । ଏହି ଘଟଣାର ମୁଖ୍ୟ ଓ ଗାଡି ଚାଳକ ମେଶିନ ଓ ଗାଡି ଛାଡି ଚମ୍ପଟ ମାରିଥିଲେ । ବନ କର୍ମଚାରୀମାନେ ଜବତ ଜେସିବି ଓ ଟ୍ରକକୁ ଟମକା ବନ କାର୍ଯ୍ୟାଳୟରେ ରଖିଛନ୍ତି । ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ଓ ବିଜୟ କୁମାର ଗୁରୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏହି ଚଢାଉରେ ସାମିଲ ହୋଇଥିଲେ । ତଦନ୍ତ ପରେ ଟ୍ରକ ମାଲିକ ସୁକିନ୍ଦା ଥାନା ଅଞ୍ଚଳର ରାଜ କିଶୋର ନାୟକ ଓ ଜେସିବି ମାଲିକ ସେହି ଥାନା ଅଞ୍ଚଳର ରବିନ୍ଦ୍ର କୁମାର ସାମଲ ବୋଲି ଜଣା ପଡିଛି । ଚୋରା କାରବାର ରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ତଦନ୍ତ ଚାଲିଥିବା ରେଞ୍ଜର ଘନଶ୍ୟାମ ମୁଦୁଲି ସୂଚନା ଦେଇଛନ୍ତି।



**ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଆଶା ପୂରଣ ହେଲା:** ମଙ୍ଗଳବାର ସୁକିନ୍ଦା ଅଞ୍ଚଳର ୧୦୪ ବର୍ଷ ବୟସ୍କ ଚାଟଶାଳୀ ଶିକ୍ଷକ ନନ୍ଦ ପ୍ରଷ୍ଟିଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତ । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନନ୍ଦ ସାର ସାକ୍ଷାତ କରୁଛନ୍ତି। ଏହି ଶତାୟୁ ଶିକ୍ଷକ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ବହୁଦିନରୁ ଆଶା ରଖିଥିଲେ ।

# ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘର ଦାବିପତ୍ର

**ଯାଜପୁର ଟାଉନ,୧୦।୧୧(ଡି.ଏନ.ଏ.)**

ଏସ୍‌ଇଏମ୍‌ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ଲୋୟର ପିଏମ୍‌ଜିରେ ଧାରଣା ଜାରି ରଖିଥିବା ବେଳେ ଯାଜପୁର ଜିଲା ସଂଘ ପକ୍ଷରୁ ୮ ଦଫା ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ତାଲିମ ନେଇ ଦୁଇ ଦଶନ୍ଧି ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ମାସିକ ପଞ୍ଚାୟତରୁ ୨ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଉଛି। ତେଣୁ କର୍ମଚାରୀଙ୍କୁ ବେତନ ପ୍ରଦାନ ପାଇଁ ଦାବି କରିବା ସହ ଏସଇଏମଓ ପଦବୀ ଉଚ୍ଛେଦ କରି ଗ୍ରାମ୍ୟଜଳ ଯୋଗାଣ କର୍ମଚାରୀ ମାନ୍ୟତା ଦିଆଯିବା, କୁଶଳୀ, ଅତିକୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ନିୟମ ପାଳନ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ସେବାଦେଇ କର୍ମଚାରୀଙ୍କ ବୟସ ସୀମା ଅତିକ୍ରମ କରିଯାଇଥିବାରୁ ୫ ବର୍ଷ ବୟସସୀମା କୋହଳ କରାଯିବା, ୧୦ବର୍ଷ ପୂର୍ବ ବକେୟା ପ୍ରଦାନ କରିବା, କାର୍ଯ୍ୟ କରୁଥିବା ସମୟରେ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ୨୦ଲକ୍ଷ ଟଙ୍କା ରାଶି ପ୍ରଦାନ କରାଯିବା ଏବଂ ମୃତ ପରିବାରର ଜଣକୁ ନିଯୁକ୍ତି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ଓଡ଼ିଶା ବନ୍ଦ ସଫଳ କରିବାକୁ ଅନୁରୋଧ

**ଯାଜପୁର ଟାଉନ,୧୦।୧୧(ଡି.ଏନ.ଏ.)**

ମମିତା ମେହେର ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ ଦାବିରେ ଆସନ୍ତା ୧୨ରେ କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ଯାଜପୁରର ସମସ୍ତ ଦୋକାନ ବଜାର, ହାଟ, ମାର୍କେଟ, ବ୍ୟାଙ୍କ, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଓ ସ୍କୁଲ୍, କଲେଜ ବନ୍ଦ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ କଂଗ୍ରେସ ନେତୃବର୍ଗ କର୍ମୀ ଓ ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଶ୍ରମିକ କଂଗ୍ରେସ, କୃଷକ କଂଗ୍ରେସ ଆଇନ ସେଲ୍, ଆଦିବାସୀ ଓ ହରିଜନ ସେଲ୍ ସେବା ଦଳର ସମସ୍ତ କର୍ମୀ ତଥା ଯାଜପୁରର ଜନସାଧାରଣ ବନ୍ଦକୁ ସଫଳ କରିବା ନିମନ୍ତେ ସହଯୋଗ କରିବାକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ବିଷ୍ଣୁ ଚରଣ ରାଉତ, ସନ୍ତୋଷ ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ବଳଭଦ୍ର ଦାସ, ନକୁଳଦେବ ସାହୁ, ଦୁର୍ଯ୍ୟୋଧନ ବେହେରା, ଗୋବିନ୍ଦ ସାହୁ, ହୃଷୀକେଶ ପତି, କନକ ରାଉତ, ପ୍ରତିମା କର, ବିଭୂତି ମହାପାତ୍ର, ଅମୂଲ୍ୟ ବିଶ୍ୱାଳ ଓ ନିକୁଞ୍ଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସାର୍ଟିଫିକେଟ ଲାଗି ସ୍କୁଲରେ ତାଲା ପକାଇଲେ ଛାତ୍ରୀ

**ସାର୍ଟିଫିକେଟ ଦେବାକୁ ପ୍ରଧାନଶିକ୍ଷୟିତ୍ରୀ ଲାଞ୍ଚ ନେଇଥିବା ଅଭିଯୋଗ**

**ବିଞ୍ଝାରପୁର,୧୦।୧୧(ଡି.ଏନ.ଏ.)**

ବିଦ୍ୟାଳୟରେ ସାର୍ଟିଫିକେଟ ପ୍ରଦାନ ପାଇଁ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ଆସିଛି। ତେବେ ଲାଞ୍ଚ ନେଇ ମଧ୍ୟ ସାର୍ଟିଫିକେଟ ନ ଦେବାରୁ ଛାତ୍ରୀ ବୁଧବାର ବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି। ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡକାଇ ତୁରନ୍ତ ସାର୍ଟିଫିକେଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାପରେ ଆନ୍ଦୋଳନ ପତ୍ୟାହୃତ ହୋଇଛି।

ବିଞ୍ଝାରପୁର ବ୍ଲକ ବରୁଣେଇ ବାଳିକା ହାଇସ୍କୁଲର ୨୦୨୦ରେ ବୋର୍ଡ ପରୀକ୍ଷା ଦେଇଥିବା ଛାତ୍ରୀ ହାଇସ୍କୁଲରେ ସାର୍ଟିଫିକେଟ ପାଇନାହାନ୍ତି। ତେଣୁ ସେମାନେ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କୁ ଭେଟିଥିଲେ। ସାର୍ଟିଫିକେଟ ବାବଦକୁ ପ୍ରଧାନଶିକ୍ଷୟିତ୍ରୀ କାଳେ ପିଲାପ୍ରତି ୨ ହଜାର ଟଙ୍କା ଲେଖାଏ ଅର୍ଥ ଦାବି କରିଥିଲେ। ଦାବି ଅନୁଯାୟୀ ଛାତ୍ରୀ ଟଙ୍କା ଦେଇଥିଲେ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀ ସେମାନଙ୍କୁ ସାର୍ଟିଫିକେଟ ଦେଇ ନ ଥିଲେ। ଯାହାକୁ ନେଇ ଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ପୂଜାରାଣୀ



ବିଦ୍ୟାଳୟ ଫାଟକରେ ତାଲା ପକାଇଥିବା ଛାତ୍ରୀମାନେ।

ଯେନା, ମାମୁନି ବିଶ୍ୱାଳ, ପାୟଲ ଯେନା ଓ ଶୁଭଶ୍ରୀ ଦାଶଙ୍କ ସମେତ ବହୁ ଛାତ୍ରୀ ଆସି ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଅଭିଭାବକ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଘଟଣାର ସମାଧାନ ପାଇଁ ଜିଲାପାଳ ଜିଲା ଶିକ୍ଷାଧିକାରୀ ଗିରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ଛାତ୍ରୀଙ୍କୁ ସାର୍ଟିଫିକେଟ ଦେବେ ବୋଲି ପ୍ରଧାନଶିକ୍ଷୟିତ୍ରୀ ପ୍ରତିଶ୍ରୁତି ଦେବାରୁ ଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ। ଏନେଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଟଙ୍କା ନେବା କଥାକୁ ଖଣ୍ଡନ କରିଛନ୍ତି। ତାଙ୍କ ଦେହ ଅସୁସ୍ଥ ଥିବାରୁ ସାର୍ଟିଫିକେଟ ଆଣିନାହାନ୍ତି। ଗୁରୁବାର ସାର୍ଟିଫିକେଟ ଆଣି ଛାତ୍ରୀଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ସରପଞ୍ଚ ତରୁଣ ସାହୁ କହିଛନ୍ତି, କେତେଜଣ ପିଲାଙ୍କଠାରୁ ପ୍ରଧାନଶିକ୍ଷୟିତ୍ରୀ ୫୦୦ ଟଙ୍କା ଲେଖାଏ ଆଦାୟ କରିଥିଲେ। ତେବେ ଗୁରୁବାର ଷ୍ଟାଇପେଣ୍ଡ ଆପ୍ଲାଏର ଶେଷ ତାରିଖ ଥିବାରୁ ଛାତ୍ରୀ ରାଗରେ ୨ ହଜାର ଲେଖାଏ ଦେଇଥିବା ଅଭିଯୋଗ କରିଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କାଳିଆପାଣି,୧୦।୧୧(ଡି.ଏନ.ଏ.)**

ସୌରିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଓଏମ୍‌ସି ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଖଣି ଅଞ୍ଚଳର ୧୦ ପଞ୍ଚାୟତର ଫୁଟବଲ ଟିମ୍‌କୁ ନେଇ ଏହି ଟୁର୍ନାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହେବ। ଚିରିଗୁଣିଆ ଖେଳ ପଡ଼ିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖଣି ନିଗମ ଆଞ୍ଚଳିକ ପରିଚଳକ ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ବିକାଶ ପାଇଁ ନିଗମ ଚେଷ୍ଟିତ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଉପାଧକ୍ଷ ଦିବ୍ୟରଞ୍ଜନ ବରାଳ, ଖଣି ନିଗମ ବରିଷ୍ଠ ପରିଚାଳକ ବୈଷ୍ଣବ ଚରଣ ମଲ୍ଲିକ, ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ, ମଧୁସ୍ମିତା ଦାସ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ଆସୋସିଏଶନ ପକ୍ଷରୁ ପ୍ରଭାତ ପ୍ରଧାନ, ରବିନାରାୟଣ କର,ଏସ୍‌କେ ନିହାଲୁ ଉଦ୍ଦିନ, ପ୍ରତାପ ପାତ୍ର ଓ ଜୁଲୁ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଖୋଲା ବଜାରରୁ ବିହନ କିଣୁଛନ୍ତି ଚାଷୀ

- ମିଳୁନି ସରକାରୀ ଚିନାବାଦାମ ବିହନ
- ରବିଋତୁ ଯୋଜନା ପ୍ରସ୍ତୁତ ବୈଠକ ବସିନି

**ରସୁଲପୁର,୧୦।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ଚିନାବାଦାମ ଚାଷ ଆରମ୍ଭ ହେଲାଣି। ତେବେ ସରକାରୀ ବିହନ ମିଳୁ ନ ଥିବାରୁ ଚାଷୀ ଖୋଲା ବଜାର ଉପରେ ନିର୍ଭର କରୁଛନ୍ତି। ଏଥିଲାଗି ଆର୍ଥିକ ବୋଝର ଶିକାର ହେଉଛନ୍ତି। ତେଣେ ରବି ଋତୁକୁ ନେଇ ଏଯାଏ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ ବୈଠକ ବସିନାହିଁ। ଚିନାବାଦାମ ଫସଲକୁ ନେଇ ଜିଲାସ୍ତରରେ କୌଣସି ଅଟକଳ ପ୍ରସ୍ତୁତ ହୋଇନାହିଁ। ଏଭଳି ସ୍ଥିତିରେ ବ୍ଲକ ଅଞ୍ଚଳ ଚିନାବାଦାମ ଚାଷୀଙ୍କୁ ସରକାରୀ ବିହନ ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି।

ରବି ଋତୁରେ ଅଞ୍ଚଳର ଚାଷୀ ପନିପରିବା ଓ ଚିନାବାଦାମ ଚାଷକୁ ପ୍ରାଧାନ୍ୟ ଦେଇଥାନ୍ତି। ବ୍ଲକ ଅଞ୍ଚଳରେ ୧୨ହଜାର ହେକ୍ଟର ଚାଷ ଜମି ରହିଛି। ସେଥିରୁ ୧୦ ହଜାର ହେକ୍ଟର ଜମିରେ ରବି ଫସଲ କରାଯାଉଛି। ଶତକଡ଼ା ୬୫ ଭାଗ ଜମି ଅର୍ଥାତ ୬,୫୦୦ ହେକ୍ଟର କ୍ଷେତରେ ଚିନାବାଦାମ କରାଯାଉଛି। ଅନ୍ୟକ୍ଷେତରେ ପନିପରିବା, ବିରି, ସୋରିଷ, କୋଳଥ, ମୁଗ, ଫେଶୀ, ହରଡ଼ ଭଳି ଡାଲିଜାତୀୟ ଫଳସ ଚାଷ ହେଉଛି। ତେବେ ଚିନାବାଦାମକୁ ଅଗ୍ରଣୀ ଚାଷ ଭାବରେ କରାଯାଉଛି। ଏହି



ଚିନାବାଦାମ ଲଗାଯାଉଛି।

ଚାଷର ଅବଧି ନଭେମ୍ବରରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହୁଏ। ସେହି ହିସାବରେ ଚାଷ ଆରମ୍ଭ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ କ୍ଷେତରେ ଚିନାବାଦାମ ଚାଷ କରାଯାଉଛି। ଡିପ ଜମିର ଆର୍ଦ୍ରତା କମି ଯାଉଥିବାରୁ ଚାଷୀ ବାଦାମ ଲଗାଇବା ଆରମ୍ଭ କରିଛନ୍ତି। ଏବେ ବଜାରରେ ଓଡ଼ିଶାର ଅନୁଗୋଳ, ବରଗଡ଼, ଆଠଗଡ଼ ଆଦି ଅଞ୍ଚଳରୁ ଚିନାବାଦାମ ଆମଦାନୀ ହେଉଥିବା ବେଳେ ବାହାର ରାଜ୍ୟ ଗୁଜରାଟରୁ ଜି-୫ ଓ ୬୬ କିସମର ଚିନାବାଦମ ବିହନ ଉତ୍ପାଦନ ହେଉଛି। ଚାଷୀଙ୍କ ରାଜ୍ୟ ବାହର ବିହନ ଉପରେ ଅଧିକ ଚାହିଦା ରହୁଛି। ଚାଷୀଙ୍କୁ ବିହନ କୁଇଣ୍ଟାଲ ପିଛା ୮,୫୦୦ଟଙ୍କା ବ୍ୟୟ କରିବାକୁ ପଡୁଛି। ଗୋଟିଏ କୁଇଣ୍ଟାଲ ବିହନରୁ ୬୦ ଶତକଡା ମଞ୍ଜି ବ୍ୟବହାର ଯୋଗ୍ୟ ହେଉଛି। ସେହି ହାରରେ ଚିନାବାଦାମ ଚାଷ ପାଇଁ ଚାଷୀଙ୍କୁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ପ୍ରତିବର୍ଷ ବାଦାମ ଚାଷ ପାଇଁ ସରକାରଙ୍କ ପକ୍ଷରୁ ରିହାତି ଦରରେ ବିହନ ଯୋଗାଇ ଦିଆଯାଏ। ଚଳିତଥର ଏବେ ସୁଦ୍ଧା ବାଦାମ ଚାଷ ପାଇଁ ଅଟକଳ ହୋଇ ନ ଥିବାରୁ ଚାଷୀଙ୍କୁ ସରକାରୀ ସହାୟତା ମିଳିବା ସମ୍ଭବପର ମନେ ହେଉନାହିଁ। ଚାଷ ସରିବା ପରେ ବିହନ ଆସିଲେ ଅଣଚାଷୀ ଓ ବ୍ୟବସାୟୀଙ୍କୁ ଫାଇଦା ହେବ ବୋଲି ଆଶଙ୍କା କରାଯାଉଛି। ଏହାଛଡ଼ା ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ସରକାରୀ ଭାବେ ଚକୱାରି ଚିନାବାଦାମ ଚାଷ କରାଯାଏ। ଏଥିପାଇଁ କୃଷି ବିଭାଗ ପକ୍ଷରୁ ଚାଷ ହେଉଥିବା ଚକ ଚିହ୍ନଟ ଏଯାଏ କରାଯାଇ ନାହିଁ। କେତେ ବିହନ ଆବଶ୍ୟକ ଓ କେଉଁ ପଞ୍ଚାୟତରେ କେତେ ଚାଷୀଙ୍କୁ ଏହି ସୁବିଧା ମିଳିବ ସେ ସମ୍ପର୍କରେ କୃଷି ବିଭାଗ ପାଖରେ କୌଣସି ସୂଚନା ନାହିଁ। ଏହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଚିନାବାଦାମ ଚାଷ ନେଇ ଜିଲାରେ ମିଟିଂ ବସିନାହିଁ। ମିଟିଂରେ ଜିଲାସ୍ତରରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ। ସେ ନିଜସ୍ୱ ଇଚ୍ଛାରେ କିଛି କରିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଭାଜପାରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

**ଧର୍ମଶାଳା,୧୦।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ସାହାଣୀଡ଼ିହ ପଞ୍ଚାୟତ ଚାରଗୋଠ ଗ୍ରାମରେ ବୁଧବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହୀଙ୍କ ନେତୃତ୍ୱ ପ୍ରତି ଆସ୍ଥାପ୍ରକଟ କରି ଅନ୍ୟ ଦଳରୁ ଶତାଧିକ କର୍ମୀ ଆସି ଭାଜପାରେ ସାମିଲ ହୋଇଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ନେତ୍ରୀ ପହୀ ଯୋଗଦେଇ ଦଳରେ ସାମିଲ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଦୟାନିଧି ରାଉତ, ମଦନ ରାଉତ, ଯୁଗଳ ରାଉତ, ଭୀମସେନ ରାଉତ, ଗଣେଶ ସ୍ୱାଇଁ ଓ ପ୍ରଶାନ୍ତ ରାଉତ ପ୍ରମୁଖ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି ବୋଲି ପହୀ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ନେତା ବିଭୂତି ଭୁଷଣ ଜେନା ଓ ଚନ୍ଦ୍ରମଣି ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପାରେ ସାମିଲ କର୍ମୀଙ୍କୁ ସ୍ମୃତିରେଖା ପହୀ ସ୍ୱାଗତ କରୁଛନ୍ତି।

### ଚୋରି ବାଇକ୍, ଗଞ୍ଜେଇ ଜବତ: ଜଣେ ଗିରଫ

**ଧର୍ମଶାଳା/ଜେନାପୁର,୧୦।୧୧ (ଡି.ଏନ.ଏ.)**

ଜେନାପୁର ପୋଲିସ ଏକ ପାନ ଦୋକାନରେ ଚଢ଼ାଉ କରି ଚୋରି ବାଇକ୍ ଓ ଦେଢ଼ ଶହ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ରାଇଛନ୍ଦା ପଞ୍ଚାୟତ ବାରକଣା (ଡଗରପଡ଼ା)ଗ୍ରାମର ଧନେଶ୍ୱର ବାରିକ (୩୯) ବୋଲି ଜଣାପଡ଼ିଛି। ଗୁରୁବାର ହାଟ ନିକଟସ୍ଥ ନଦୀବନ୍ଧ କଡ଼ରେ ଧନେଶ୍ୱରଙ୍କ ପାନ ଦୋକାନ ଅଛି। ଏଠାରେ ଚୋରା ଗଞ୍ଜେଇ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ତେଣୁ ଉକ୍ତ ପାନ ଦୋକାନରେ ପୋଲିସ ଚଢ଼ାଉ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୩୨୮/୨୧ ରୁଜୁ ହୋଇଥିବା ଥାନାଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

GOVT. OF ODISHA
**Government of Odisha** No. B-584
**"e" Procurement Notice**
**Bid Identification No. PWDK-12/2021-22**
e-mail: eepwdkeonjhar@yahoo.com

No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**.

Sd./- S.K. Behera
Superintending Engineer
Keonjhar (R&B) Division
OIPR-34004/11/0007/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ନଭେମ୍ବର, ୨୦୨୧



## ନାଳ ପାଇଁ ଜବର ଦଖଲ ଉଚ୍ଛେଦ

ଶେରଗଡ଼,(ଡି.ଏନ୍.ଏ.):ଶେରଗଡ଼ ଚାରିଛକରୁ ତିନି ଛକ ଯାଏ ନାଳ ନିର୍ମାଣ ପାଇଁ ବୁଧବାର ଜବର ଦଖଲ ଉଚ୍ଛେଦ ପ୍ରକ୍ରିଆ ଆରମ୍ଭ କରାଯାଇଛି। ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ଯନ୍ତ୍ରୀ ବନୋଜ କୁମାର ସେଠୀ, ସୁପରଭାଇଜର ପି.ପଞ୍ଚମା, ରାଜସ୍ୱ ନିରିକ୍ଷକ ବାବୁଲା ବେହେରା ପ୍ରମୁଖ ଜବର ଦଖଲକାରୀଙ୍କୁ ନାଳ ପାଶ୍ୱରୁ ହଟାଇଛନ୍ତି। ପ୍ରତି ଥର ଏପରି ଘର ଭାଙ୍ଗି ଦେବା ଦ୍ୱାରା ଜନସାଧାରଣଙ୍କ ମନରେ ଅଶାନ୍ତି ସୃଷ୍ଟି ହୋଇଛି।

# ୨,୦୪୨ ଗାଁ, ସହରାଞ୍ଚଳର ୨୬୬ ୱାର୍ଡ ବାଲ୍ୟ ବିବାହମୁକ୍ତ

**ଛତ୍ରପୁର,୧୦।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ଜିଲାପାଳଙ୍କ ସଭାକକ୍ଷଠାରେ ବୁଧବାର ଜିଲାସ୍ତରୀୟ ନିର୍ଭୟ କଢି ଓ ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ ଉପରେ ଏକ ବୈଠକ ଜିଲା ପ୍ରଶାସନ, ୟୁନିସେଫ ଓ ଆକ୍ସନଏଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଗଞ୍ଜାମରେ ୨୦୪୨ଗ୍ରାମ, ସହରାଞ୍ଚଳର ୨୬୬ଟି ୱାର୍ଡ ଏବଂ ୨୨୧ଟି ପଞ୍ଚାୟତକୁ ଅଦ୍ୟାବଧି ବାଲ୍ୟ ବିବାହମୁକ୍ତ ଭାବେ ଜିଲା ପ୍ରଶାସନ ତରଫରୁ ଘୋଷଣା କରାଯାଇଥିବା ଜିଲାପାଳ କହିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ଏବଂ ଚିକିତ୍ସାଳୟ ଅଧିକାରୀ ବାଲ୍ୟ ବିବାହ ରୋକିବା ନିମନ୍ତେ ଯଥୋଚିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟେକ ଶନିବାର ମୋ ଗେହ୍ଲାଝିଅ ଓ ନିର୍ଭୟ କଢି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବ। ବାଲ୍ୟ ବିବାହ ହେଉଥିବା ସମ୍ପର୍କରେ ଯେ କେହି ଖବର ଦେଲେ ତାଙ୍କୁ ଦଶ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ। ପୂର୍ବରୁ ଏହି ରାଶି ୫ ହଜାର ଟଙ୍କା ଥିଲା। ଖବରଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପ୍ରଶାସନ ତରଫରୁ ୩୦ ଜଣ କିଶୋରୀ କିଶୋର, ଯେଉଁମାନେ ବାଲ୍ୟ ବିବାହକୁ ସାହାସର ସହିତ ମନା କରିଛନ୍ତି ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏମାନଙ୍କ ଦକ୍ଷତା ବିକାଶ ଯେପରି ହୋଇପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତରଫରୁ ପଦକ୍ଷେପ ନିଆଯିବ। ଆଗାମୀ ଦିନରେ ବ୍ଲକସ୍ତରରେଏମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବେ ବୋଲି ଜିଲାପାଳ କହିଥିଲେ। ସମସ୍ତ ଗ୍ରାମରେ ନିର୍ଭୟ କଢି ଏବଂ ଆଦ୍ୱିକା କାର୍ଯ୍ୟକ୍ରମ ଜରିଆରେ ତିଆରି ହୋଇଥିବା କିଶୋର କିଶୋରୀ ସମୁହର ନେତୃତ୍ୱ ବିକାଶ ଦିଗରେ ପଦକ୍ଷେପ ନେବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପୁରୋହିତ ବାଲ୍ୟ ବିବାହ କାର୍ଯ୍ୟରେ ସଂପୃକ୍ତ ରୁହନ୍ତି ତାଙ୍କୁ ଆଇନ ଅନୁସାରେ ଦଣ୍ଡିତ କରାଯିବ। ଜିଲ୍ଲାରେ ଥିବା କୁଳ ସମାଜ ଏବଂ ମନ୍ଦିର ପ୍ରଶାସକମାନଙ୍କୁ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ସଚେତନ କରାଯିବ। ବିବାହ ସମୟରେ ଉପଯୁକ୍ତ ଜନ୍ମ ପ୍ରମାଣ ପତ୍ର ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଛତ୍ରପୁର ଉପ ଜିଲାପାଳ ନୀଳମାଧବ ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଜିଲା ଶିଶୁସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାଶ, ଆକ୍ସନ ଏଡର ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ, ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ, ସଖୀ ୱାନ ଷ୍ଟପ ସେଣ୍ଟର, ଚାଇଲ୍ଡ ଲାଇନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ଗଞ୍ଜାମ ଜିଲା**
- ନାବାଳିକା ବିବାହ ଖବର ଦେଲେ ୧୦ ହଜାର ପୁରସ୍କାର
- ବାଲ୍ୟବିବାହ ରୋକିଥିବା ୧୦ଜଣ ସମ୍ମାନିତ

## ସଂକ୍ଷେପରେ

### ବ୍ଲକସ୍ତରୀୟ ଗାଁ ସାଥୀ ସମ୍ମିଳନୀ

କୋଟଗଡ଼,୧୦।୧୧(ଡି.ଏନ୍.ଏ.) କୋଟଗଡ଼ରେ ବୁଧବାର ଗାଁ ସାଥିଙ୍କ ବ୍ଲକ ସ୍ତରୀୟ କାର୍ଯ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବାରଟି ବ୍ଲକରୁ ତଥା କୋଟଗଡ଼ ବ୍ଲକର ୧୫ ପଞ୍ଚାୟତର କାର୍ଯ୍ୟରତ ଗାଁ ସାଥି ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଏକତ୍ରିତ ହୋଇଥିଲେ। ବୈଠକରେ ମୁଖ୍ୟ ୫ ସମସ୍ୟାର ସମାଧାନ ଉପରେ ଅଲୋଚନ ହୋଇଥିଲା। ସେମାନଙ୍କ ପଞ୍ଚଦଫା ଦାବି ମଧ୍ୟରୁ ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ, ଗାଁ ସାଥିମାନଙ୍କୁ ୮ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗେଇ ଦିଆଯାଉ, ରାଜ୍ୟ ସରକାରଙ୍କ ୯୪୦ ନ ଚିଠିକୁ କାର୍ଯ୍ୟକାରୀ କରାଯାଉ, ଏସ୍ସି,ଏସ୍ଟି, ଓବିସି ଓ ଅନ୍ୟଙ୍କୁ ଏକ ସାଙ୍ଗରେ ସ୍ଥାୟୀ କରାଯାଉ, ସମସ୍ତ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଗାଁ ସାଥୀଙ୍କୁ ସାମିଲ କରାଯାଉ ଓ ମନ ମୁତାବକ ଗାଁସାଥି ଚୟନ କରିବା ବନ୍ଦ କରାଯାଉ ଆଦି ଦାବି ରହିଛି। ଏହି କାର୍ଯ୍ୟକ୍ରମକୁ କୋଟଗଡ଼ ଗାଁସାଥି ସଭାପତି ସୁଶାନ୍ତ କହଁର ପରିଚାଳନା କରୁଥିବା ବେଳେ, ଜିଲା ସଭାପତି ଗାଁ ସାଥି ଶ୍ରୀ ବିପିନ କୁମାର ଦିଗଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାଗାର୍ଜୁନ ନାୟକ ଉପସଭାପତି ଗାଁ ସାଥି କୋଟଗଡ଼, ନୀଳମାଧ ଦଣ୍ଡସେନା ସମ୍ପାଦକ ଗାଁ ସାଥି କୋଟଗଡ଼ ପ୍ରମୁଖ ଉପସ୍ଥିତ ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଚିକିଟି,୧୦।୧୧(ଡି.ଏନ.ଏ.):ଚିକିଟି ବ୍ଲକ ଅନ୍ତର୍ଗତ କେ.ନୂଆଗାଁ ସେବତୀ ସେବା ସଦନ ପରିସରରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କିଟ୍ ୟୁନିଭରସିଟି ବାୟୋ ଟେକ୍ନୋଲୋଜି ସିଓ ମୃତ୍ୟୁଞ୍ଜୟ ସୁଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବ୍ରହ୍ମପୁର ଏମକେସିଜି ମେଡିକାଲ ଆସିଷ୍ଟାଣ୍ଟ ପ୍ରଫେସର ଡ. ରାଜେନ୍ଦ୍ର କୁମାର ବେହେରା ଏବଂ ତାଙ୍କ ଟିମ ରୋଗୀଙ୍କ ଚକ୍ଷୁ ଚିକିତ୍ସା କରିଥିଲେ। ସେବତୀ ସେବା ସଦନ ଡାକ୍ତର ବାବୁ ସାହୁ ଶିବିର ପରିଚାଳନା କରିଥିବା ବେଳେ ସୁରେଖା ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିରାଜ ଖାନ, ଅବକାଶ ପ୍ରଧାନ, ରାଜେନ୍ଦ୍ର ଡାକୁଆ, ରାମକୃଷ୍ଣ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷକ ପ୍ରଶିକ୍ଷକ କାର୍ଯ୍ୟଶାଳା ଉଦ୍‌ଘାଟିତ

ଛତ୍ରପୁର,୧୦।୧୧(ଡି.ଏନ.ଏ.):ଛତ୍ରପୁର ସରସତୀ ଶିଶୁବିଦ୍ୟାମନ୍ଦିର ପରିସରରେ ବିଦ୍ୟାଭାରତୀର ଯୋଜନା ଅନୁସାରେ ଗଞ୍ଜାମ ଓ ଗଜପତି ଜିଲାର ଶିକ୍ଷକ ପ୍ରଶିକ୍ଷକ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ୩ ଦିନିଆ ଏହି କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ରାଷ୍ଟ୍ର ଶିକ୍ଷା ନୀତିକୁ ସାର୍ବଜନୀନ କରିବା ଆମର ଦାୟିତ୍ୱ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଗଞ୍ଜାମ ବିଭାଗ ନୀରିକ୍ଷକ ସରୋଜ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ପ୍ରାନ୍ତ ପରୀକ୍ଷା ସହ ସଂଯୋଜକ ରୁଦ୍ରନାରାୟଣ ବେହେରା ଯୋଗଦେଇ ନୂତନ ଶିକ୍ଷା ନୀତି ଲାଗୁ ହେବା ଦ୍ୱାରା ଶିଶୁର ବିକାଶ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ଉପେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ, ଦକ୍ଷିଣ ପୂର୍ବ ସମ୍ଭାଗର ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଫୁଲବାଣୀ ବିଭାଗ ନୀରିକ୍ଷକ ରଞ୍ଜନ କୁମାର ପ୍ରଧାନ, ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ, ରାମହରି ନଗର ଶିଶୁବିଦ୍ୟା ମନ୍ଦିରର ଉପସଭାପତି ପିତାମ୍ବର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ୧୨୫ ଜଣ ଶିକ୍ଷାର୍ଥୀ ଯୋଗ ଦେଇଛନ୍ତି।

### ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଧରାକୋଟ/ ଶେରଗଡ଼,୧୦।୧୧(ଡି.ଏନ୍.ଏ.): ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଧରାକୋଟ ଓ ଶେରଗଡ଼ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଧରାକୋଟରେ ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ତଦାରଖ କରିବା ସହ ବ୍ଲକରେ ଚାଲିଥିବା ସ୍ମାର୍ଟ କ୍ଲାସର ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଡିଓ ଦେନିସ ବେହେରା, ତହସିଲଦାର କବିରାଜ ପ୍ରଧାନ, ଏବିଡିଓ ସୁଶୀଲ ପଟ୍ଟନାୟକ, ଏବିଇଓ ପ୍ରଦୀପ କୁମାର ହୋତା, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ପ୍ରତିନିଧି ଦିଲୀପ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସେହିପରି ଜିଲାପାଳ ଶେରଗଡ ବ୍ଲକ ଗସ୍ତରେ ଯାଇ ପ୍ରଥମେ ସବରେଜିଷ୍ଟାର କାର୍ଯ୍ୟାଳୟରେ ପହଞ୍ଚି ରେକର୍ଡପତ୍ର ଯାଞ୍ଚ କରିଥିଲେ। ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ହିତାଧିକାରୀଙ୍କୁ ଘରବାରି ପଟା ବଣ୍ଟନ କରିଥିଲେ। ପରେ ହାଟବନ୍ଧ ପୋଖରୀ କାମ ଦେଖିବା ସହ ଶୀଘ୍ର ଏହାକୁ ଏକ ଆଦର୍ଶ ପୋଖରୀ କରିବା ପାଇଁ ବ୍ୟବସ୍ଥା କରିବାକୁ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଚୋରି ମାମଲା, ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍

**ଆର.ଉଦୟଗିରି, ୧୦।୧୧(ଡି.ଏନ.ଏ.)**

ଆର୍.ଉଦୟଗିରି ଜେଏମ୍ଏଫସି ଅଦାଲତର ବିଚାରପତି ପାରସ ପାଢୀ ଏକ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଆର୍.ଉଦୟଗିରି ନିକଟସ୍ଥ ପାରିଭେଟା ଗ୍ରାମର ଜଗଦୀଶ ବଡରାଇତ। ଆର୍.ଉଦୟଗିରି ବ୍ଲକ ଛେଲିଗଡ ଗ୍ରାମର ଶିକ୍ଷକ କାର୍ତ୍ତିକ ପାଇକଙ୍କ ଘରୁ ଗତ ଫେବୃୟାରୀ ୨ ତାରିଖରେ ଏକ ବାଇକ୍ ଓ ୩ ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ କାର୍ତ୍ତିକ ଆର.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୫/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପରେ ଏହି ମାମଲା କୋର୍ଟକୁ ଆସିଥିଲା। ଆର୍.ଉଦୟଗିରି ଜେଏମ୍ଏଫସି ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସନ୍ତୋଷ କୁମାର ଶବର ମାମଲା ପରିଚାଳନା କରିଥିଲେ।

# ସାହାରା ଜମାକାରୀଙ୍କ ଦାବିପତ୍ର ପ୍ରଦାନ

**ଆସିକା,୧୦।୧୧(ଡି.ଏନ.ଏ.)**



ସାହାରା ଜମାକାରୀମାନେ।

ଆସିକା ସାହାରା ଇଣ୍ଡିଆ କାର୍ଯ୍ୟାଳୟରେ ଟଙ୍କା ଜମା କରି ଫେରସ୍ତ ପାଇ ନ ଥିବା ହିତାଧିକାରୀ ଓ ଏଜେଣ୍ଟମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ଶତାଧିକ ଜମାକାରୀ ଓ ଏଜେଣ୍ଟ ଆସିକା ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଏବଂ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜମାକାରୀଙ୍କ ଟଙ୍କା ଫେରସ୍ତ ଲାଗି ପ୍ରଶାସନ ପକ୍ଷରୁ ଆଗାମୀ ୧୫ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଜମାକାରୀ ଓ ଏଜେଣ୍ଟ ଆଇନକୁ ହାତକୁ ନେବା ସହ ଆବଶ୍ୟକସ୍ଥଳେ ପ୍ରଶାସନ ସମ୍ମୁଖରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

ଗତ ୧୮ ମାସ ହେଲା ମାସିକ ସୁଧ ଯୋଜନା ଏମ.ଆଇ.ଏସ.ରେ ଟଙ୍କା ଜମା କରିଥିବା ଜମାକାରୀଙ୍କୁ ଏହି ସୁଧ ରାଶି ଦିଆଯାଉନାହିଁ। ଏହାଦ୍ୱାରା ବହୁ ବରିଷ୍ଠ ନାଗରିକ ହନ୍ତସନ୍ତ ହେଉଛନ୍ତି। କେତେକ ଜମାକାରୀଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସେମାନଙ୍କ ଉତ୍ତରାଧିକାରୀଙ୍କୁ କମ୍ପାନୀ ଜମା ଟଙ୍କା ଫେରସ୍ତ ନକରି ପୁଣି ଅନ୍ୟ ଯୋଜନାରେ ସେହି ଟଙ୍କାକୁ ଜମା କରିବା ଲାଗି ବାଧ୍ୟ କରୁଛି। କମ୍ପାନୀର ବରିଷ୍ଠ ଅଧିକାରୀମାନେ ସେମାନଙ୍କ ନିଜସ୍ୱ ଓ ଆତ୍ମୀୟଙ୍କ ଜମା ଟଙ୍କା ଶାଖା ପରିଚାଳକଙ୍କ ଉପରେ ଚାପ ପକାଇ ଉଠାଇ ନେଇଯାଉଥିଲେ ମଧ୍ୟ ସାଧାରଣ ଜମାକାରୀ ଗତ ୪ ବର୍ଷ ହେଲା ଜମା ଅବଧି ସରିଥିଲେ ମଧ୍ୟ ଟଙ୍କା ଫେରସ୍ତ ପାଇପାରୁ ନ ଥିବା ଦର୍ଶାଯାଇଛି। ସମସ୍ତ ଅବଧି ପୂରଣ ଜମାକାରୀଙ୍କ ଜମା ଟଙ୍କା ଫେରସ୍ତ ପର୍ଯ୍ୟନ୍ତ କମ୍ପାନୀ ବଜାରରୁ ବିଭିନ୍ନ ନୂଆ ସ୍କିମରେ ଟଙ୍କା ଉଠାଉଥିବା ବନ୍ଦ କରିବା ଲାଗି ନିବେଦନ କରାଯାଇଛି। ସୂର୍ଯ୍ୟନାରାୟଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଉତ୍ତର ପରିଡା, ଭବାନୀ ଦାସଙ୍କ ସମେତ ବହୁ ଜମାକାରୀ ଓ ଏଜେଣ୍ଟ ସାମିଲ ଥିଲେ।

# ଗର୍ଭପାତ କରାଇବାକୁ ଲାଞ୍ଚ ଅଭିଯୋଗ

## ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଆର.ଉଦୟଗିରି,୧୦।୧୧(ଡି.ଏନ.ଏ.)**

ମୋହନା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାଇବା ପାଇଁ ଲାଞ୍ଚ ମଗାଯାଇଥିବା ଅଭିଯୋଗ ହୋଇଛି। କନ୍ଧମାଳ ଜିଲା ବ୍ରହ୍ମଣୀଗାଁ ଥାନା ମଞ୍ଜାପଙ୍କ ଗ୍ରାମର ମଞ୍ଜୁ ମଲ୍ଲିକ ୩ ମାସର ଗର୍ଭବତୀ ଥିଲେ। ରକ୍ତସ୍ରାବ ହେବା ଯୋଗୁ ସେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ମଞ୍ଜୁଙ୍କ ଗର୍ଭ ନଷ୍ଟ ହୋଇଥିବା ଜଣାପଡିଥିଲା। ପରେ ଗର୍ଭପାତ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ କର୍ମଚାରୀ ମଞ୍ଜୁଙ୍କ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କୁ ୩ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଏଠାରେ ଚିକିତ୍ସା ନକରି ବ୍ରହ୍ମପୁର ପଠାଇଦେବାକୁ କର୍ମଚାରୀମାନେ ଧମକ ଦେଇଥିବା ପରବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ପରବର୍ତ୍ତ ସମୟରେ ୨୫ଶହ ଟଙ୍କା ଦେବା ପରେ ମଞ୍ଜୁଙ୍କ ଗର୍ଭପାତ କରାଯାଇଥିଲା। ମଞ୍ଜୁଙ୍କ ପରିବାର ଆଦିବାସୀ ଶ୍ରେଣୀର ହୋଇଥିବା ବେଳେ ଧାର କରି ଟଙ୍କା ଦେଇଥିବା ତାଙ୍କ ସ୍ୱାମୀ ଫଗୁ ମଲ୍ଲିକ କହିଛନ୍ତି। ଏ ନେଇ ଡାକ୍ତର ଆଶୁତୋଷ ଦାସଙ୍କୁ ପଚାରିବାରୁ କେଉଁ କର୍ମଚାରୀ ଟଙ୍କା ନେଇଛନ୍ତି ସେ ଜାଣି ନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଅବଗତ କରାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ୧୩ରେ ବିଶାଳ ଆଇନ ସେବା ଶିବିର

**ଫୁଲବାଣୀ ଅଫିସ, ୧୦।୧୧**

କନ୍ଧମାଳ ଜିଲା ପ୍ରଶାସନ ଓ ଜିଲା ଆଇନ ସେବା ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୧୦ଟାରେ ଏକ ବିଶାଳ ଆଇନ ସେବା ଶିବିର ଅନୁଷ୍ଠିତ ହେବ। ଏଥିରେ ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରିପଡ଼ା ତହସିଲ କାର୍ଯ୍ୟାଳୟ, କୃଷିବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ, ଜଳ ବିଭାଜିକା, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ସମାଜ ମଙ୍ଗଳ, ଜଳ ଓ ପରିମଳ, ମିଶନ ଶକ୍ତି, ନିୟୋଜନ, ଜିବିକା ମିଶନ ଆଦି ବିଭାଗର ଷ୍ଟଲ ଖୋଲାଯିବ। ହିତାଧିକାରୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆବଶ୍ୟକ ଆଇନ ସହାୟତା ପ୍ରଦାନ କରାଯିବା ସହିତ ବିଭାଗମାନଙ୍କ ଦ୍ୱାରା ପ୍ରଦତ୍ତ ସହାୟତା ରାଶିକୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯିବ। ଜିଲାର ଜନସାଧାରଣ ଏହି ଶିବିରରେ ବହୁ ସଂଖ୍ୟାରେ ଯୋଗଦାନ କରି ଆଇନ ସେବା ପାଇବାକୁ ଜିଲା ପ୍ରଶାସନ ତଥା ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି।

# ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ


ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ପାରଳାଖେମୁଣ୍ଡି,୧୦।୧୧(ଡି.ଏନ୍.ଏ.):**
ପାରଳାଖେମୁଣ୍ଡିସ୍ଥିତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ୭୦ତମ ଜିଲା ସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀନିବାସ ସାହୁ ସଭାପତିତ୍ୱ କରିଥିଲେ। ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗୋ ପୂଜନ ପ୍ରଦର୍ଶନକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଉତ୍କଳ ଗୋ ମଙ୍ଗଳ ବିକାଶ ପରିଷଦ ସଭାପତି ହୃଷୀକେଶ ଗୌଡ ଯୋଗଦେଇଥିଲେ। ଏଥିରେ ଜିଲାର ସମସ୍ତ ବ୍ଲକର ଶତାଧିକ ଗୋ ପାଳକ ଯୋଗଦେଇଥିଲେ। ସଫଳ ଗୋପାଳକମାନଙ୍କୁ ମାନପତ୍ର ସହିତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ତାଲୁକ ଆଇନ ସଚେତନତା ଶିବିର

**ବେଗୁନିଆପଡ଼ା,୧୦।୧୧ (ଡି.ଏନ୍.ଏ.):**

କୋଦଳା ତାଲୁକ ଆଇନ ସେବା ପ୍ରାଧିକରଣ ଦ୍ୱାରା ବେଗୁନିଆପଡ଼ା ଜନତା ନୋଡ଼ାଲ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଦଳା ଅତିରିକ୍ତ ଜିଲା ଜଜ୍ ମୁନ ରାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ପାଇଁ ଥିବା ଆଇନ ସେବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ ଜଜ୍ ସ୍ୱପ୍ନ ସାଗରିକା ମିଶ୍ର, ଜୁଡିସିଆଲ ମାଜିଷ୍ଟ୍ରେଟ ସୁଶ୍ରୀ ସୁକନ୍ୟା ଶତପଥୀ, କୋଦଳା ତହସିଲଦାର ସସ୍ମିତା ଶତପଥୀ, ବେଗୁନିଆପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ, କୋଦଳା କୋର୍ଟର ସରକାରୀ ଓକିଲ ନୀଳାଞ୍ଚଳ ପଲେଇ, ଏବିଡିଓ ନିରଞ୍ଜନ ବେହେରା, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଏନ୍‌ଏସି ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ

**ଆସିକା,୧୦।୧୧(ଡି.ଏନ.ଏ.)**

ପୌର ନିର୍ବାଚନ ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ଏନଏସିର ସମସ୍ତ ୱାର୍ଡ ଲାଗି ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଆସିକା ଏନ୍‌ଏସିର ମୋଟ ୧୮ଟି ୱାର୍ଡରୁ ୯ଟି ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୩,୪,୮,୯ ଓ ୧୩ ଏବଂ ୧୫ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଥିଲା ବେଳେ ୧ ଓ ୧୦ ନମ୍ବର ୱାର୍ଡ ପଛୁଆବର୍ଗଙ୍କ ଲାଗି, ୨ ନମ୍ବର ୱାର୍ଡ ଅନୁସୂଚିତ ଜାତି, ୫ ନଂ. ୱାର୍ଡ ଅନୁସୂଚିତ ଜନଜାତି (ମହିଳା) ଓ ୬ ଏବଂ ୧୧ ନମ୍ବର ୱାର୍ଡ ଅନୁସୂଚିତ ଜାତି (ମହିଳା), ୭, ୧୨, ୧୪ ନମ୍ବର ୱାର୍ଡ ପଛୁଆବର୍ଗ (ମହିଳା)ଙ୍କ ଲାଗି ସଂରକ୍ଷିତ ରହିଛି। ସେହିଭଳି ୧୬, ୧୭ ଓ ୧୮ ନମ୍ବର ୱାର୍ଡ ମହିଳା ପ୍ରାର୍ଥୀଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଏନ୍‌ଏସିରେ ନିର୍ବାଚନ ଲାଗି ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ୱାର୍ଡ ନଂ ୧ ଓ ୯ ଅନୁସୂଚିତ ଜାତି, ୱାର୍ଡ ନଂ ୨, ୪, ୧୧, ୧୨ ଅଣ ସଂରକ୍ଷିତ, ୱାର୍ଡ ନଂ ୩ ପଛୁଆ ବର୍ଗ, ୱାର୍ଡ ନଂ. ୫, ୭ ଅନୁସୂଚିତ ଜାତି (ମହିଳା), ୱାର୍ଡ ନଂ ୬, ୧୦, ୧୩ ମହିଳା, ୱାର୍ଡ ନଂ ୮ ଅନୁସୂଚିତ ଜନଜାତି (ମହିଳା) ଓ ୱାର୍ଡ ନଂ ୧୪ ପଛୁଆବର୍ଗ (ମହିଳା)ଙ୍କ ଲାଗି ସଂରକ୍ଷଣ ରହିଛି।

**ବୁଗୁଡ଼ା:** ବୁଗୁଡା ଏନ୍‌ଏସିର ପଛୁଆବର୍ଗ (ମହିଳା)ଙ୍କ ପାଇଁ ୧୧ ଓ ୧୩ ନଂ ୱାର୍ଡ, ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ୧ନଂ ୱାର୍ଡ, ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ୮ନଂ ୱାର୍ଡ ଏବଂ ସାଧାରଣ ବର୍ଗର (ମହିଳା)ଙ୍କ ପାଇଁ ୪, ୬ ଓ ୧୨ନଂ ଆଦି ୩ଟି ୱାର୍ଡ ସଂରକ୍ଷିତ ହୋଇଛି। ପଛୁଆବର୍ଗଙ୍କ ପାଇଁ ୭ନଂ ୱାର୍ଡ ସଂରକ୍ଷିତ ଥିବାବେଳେ ଅନୁସୂଚିତ ଜାତି ପାଇଁ ୨ନଂ ୱାର୍ଡ ଏବଂ ସାଧାରଣ ବର୍ଗଙ୍କ ପାଇଁ ୩, ୫, ୯ ଓ ୧୦ ନଂ ଆଦି ୪ ଟି ୱାର୍ଡ ସଂରକ୍ଷିତ ରହିଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ସହରରେ ବିଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

**ଗଞ୍ଜାମ:** ଗଞ୍ଜାମ ଏନ୍‌ଏସିର ୱାର୍ଡ ନଂ. ୧, ୨, ୬, ୧୧ ଅଣ ସଂରକ୍ଷିତ, ୱାର୍ଡ ନଂ ୩ ଅନୁସୂଚିତ ଜନଜାତି (ମହିଳା), ୱାର୍ଡ ନଂ ୪ ଅନୁସୂଚିତ ଜାତି (ମହିଳା), ୱାର୍ଡ ନଂ.୫ ମହିଳା, ୱାର୍ଡ ନଂ ୭ ପଛୁଆବର୍ଗ, ୱାର୍ଡ ନଂ ୮ ଅନୁସୂଚିତ ଜାତି (ମହିଳା), ୱାର୍ଡ ନଂ ୯ ଅନୁସୂଚିତ ଜାତି, ୱାର୍ଡ ନଂ ୧୦ ମହିଳା, ୱାର୍ଡ ନଂ ୧୨ ପଛୁଆବର୍ଗ (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି।

**ସୋରଡା:** ସୋରଡା ଏନ୍‌ଏସିରେ ୱାର୍ଡ ନଂ.୧, ୩, ୪, ୮ ଅଣସରଂକ୍ଷିତ,୨ ପଛୁଆବର୍ଗ (ମହିଳା), ୱାର୍ଡ ନଂ. ୫,୧୦ ଅନୁସୂଚିତ ଜାତି (ମହିଳା), ୬ ନଂ. ୱାର୍ଡ ଅନୁସୂଚିତ ଜନଜାତି (ମହିଳା), ୭,୧୧ନଂ. ୱାର୍ଡ ମହିଳା, ୯ନଂ. ୱାର୍ଡ ଅନୁସୂଚିତ ଜାତି ପାଇଁ ସରଂକ୍ଷିତ ରଖାଯାଇଛି।

**କାଶୀନଗର:** ଗଜପତି ଜିଲା କାଶୀନଗର ଏନଏସିର ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ୱାର୍ଡ ନଂ ୧ ଅନୁସୂଚିତ ଜାତି ମହିଳା, ୨ ମହିଳା, ୩ ଅଣସଂରକ୍ଷିତ, ୪ ଅଣସଂରକ୍ଷିତ, ୫ ପଛୁଆବର୍ଗ, ୬ ଅଣସଂରକ୍ଷିତ, ୭ ଅନୁସୂଚିତ ଜାତି, ୮ ଅନୁସୂଚିତ ଜାତି ମହିଳା, ୯ ପଛୁଆବର୍ଗ ମହିଳା, ୧୦ ଅଣସଂରକ୍ଷିତ, ୧୧ ମହିଳା, ୧୨ ଅନୁସୂଚିତ ଜନଜାତି ମହିଳା ଓ ୧୩ନଂ ୱାର୍ଡ ୧୩ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

# ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ସମୀକ୍ଷା

**ଆସିକା,୧୦।୧୧(ଡି.ଏନ.ଏ.):**
ଗଞ୍ଜାମ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ବୁଧବାର ଆସିକା ବ୍ଲକର ୨୭ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସେ ନଳବଣ୍ଟା ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍‌ରେ ହୋଇଥିବା କାର୍ଯ୍ୟ, ଦେବଭୂମି ପଞ୍ଚାୟତରେ ସ୍ମାର୍ଟ ସ୍କୁଲ ପ୍ରସ୍ତୁତି ଓ ବିଧାୟିକାଙ୍କ ହାତପାଣ୍ଠିରୁ ହୋଇଥିବା କାର୍ଯ୍ୟ ଏବଂ କାଳଷଣ୍ଢପୁର ପଞ୍ଚାୟତରେ ହୋଇଥିବା ବର୍ଜ୍ୟ ପରିଚାଳନା କେନ୍ଦ୍ର ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପୋଲାଇ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ରୋସନ ଶତପଥୀ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ସରକାରୀ ଜାଗା ବିକ୍ରିକୁ ଗ୍ରାମବାସୀଙ୍କ ବିରୋଧ

**ଫୁଲବାଣୀ ଅଫିସ, ୧୦।୧୧**

ଖଜୁରିପଡା ବ୍ଲକ ସୁଦ୍ରୁକୁମ୍ପା ପାତିଆମ୍ବା ନୂଆସାହିର ଜଣେ ବ୍ୟକ୍ତି ମଜୁରବିଡା ଗ୍ରାମରେ ଥିବା ସରକାରୀ ଜମିକୁ ନିଜ ନାମରେ ପଟ୍ଟା କରି ଅନ୍ୟମାନଙ୍କୁ ବିକ୍ରି କରୁଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କଲେ ବି ସେ ଶୁଣୁନାହାନ୍ତି। ଏପରକି ତହସିଲଦାରଙ୍କ ପାଖରେ ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନି। ତେଣୁ ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଘଟଣାର ତୁରନ୍ତ ସମାଧାନ କରି ସରକାରୀ ଜାଗା ଫେରାଇ ଆଣିବାକୁ ନିବେଦନ କରଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ପାତିଆମ୍ବା ନୂଆସାହି ଗ୍ରାମର ଜଣେ ବ୍ୟକ୍ତି ମଜୁରିବିଡା ଗ୍ରାମରେ ବିବାହ କରିଥିଲେ। କିଛି ବର୍ଷ ହେବ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପୁଅ ମାମୁଘର ମଜୁରୀବିଡାରେ ତାଙ୍କ ମା'ଙ୍କ ଜମିର ମାଲିକାନା ପାଇବାକୁ ନେଇ ସମ୍ପର୍କୀୟଙ୍କ ମଧ୍ୟରେ ମାମଲା ଚାଲିଛି। ସେମାନଙ୍କ ମଧ୍ୟରେ କେତେଜଣଙ୍କ ମୃତ୍ୟୁ ଘଟିଲାଣି। ଇତିମଧ୍ୟରେ ଭଣଜା ତାଙ୍କ ମାମୁ ଜେଜଙ୍କ ଜାଗାକୁ ଜାଲିଆତି କରି ନିଜ ନାମରେ ପଟ୍ଟା କରିବା ପରେ ସେହି ଜମିକୁ ଲାଗିଥିବା ସରକାରୀ ଜମିକୁ ନିଜର ଦର୍ଶାଇ ଅନ୍ୟମାନଙ୍କୁ ବିକ୍ରି କରି ଚାଲିଛନ୍ତି। ଏଥିରେ ଆଦିବାସୀଙ୍କ ଜମି, ଶ୍ମଶାନ ଜାଗା, ଜଙ୍ଗଲ ଜମି, ଅନାବାଦି ଜାଗା, ପତରା ଜଙ୍ଗଲ, ଗୋଚର ଜମି ଆଦି ରହିଛି। ଅନ୍ୟପକ୍ଷେ ଜଙ୍ଗଲ ଜମିରେ ଥିବା ବହୁ ମୂଲ୍ୟବାନ ଗଛକୁ ମଧ୍ୟ ଜେସିବି ଲଗାଇ କାଟି ଦିଆଯାଇଛି। ତହସିଲ କର୍ମଚାରୀଙ୍କ ବିନା ଏସବୁ ସମ୍ଭବ ନୁହେଁ। ତେଣୁ ଘଟଣାର ତଦନ୍ତ କରାଯାଇ ତୁରନ୍ତ ସରକାରୀ ଜାଗା ଫେରାଇବା ଏବଂ ବେଆଇନ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ପଞ୍ଚାନନ ଗଣ୍ଡା, ସଂଜୟ ଗଣ୍ଡା, ଘାସିରାମ ମଲ୍ଲିକ, ପ୍ରଭାତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ମହେଶ୍ୱର ମଲ୍ଲିକ, ଅଶୋକ କୁମାର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଘଟଣାର ତୁରନ୍ତ ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପ୍ରେସ୍ କ୍ଲବର ବୈଠକ

**ଦାରିଙ୍ଗବାଡି,୧୦।୧୧ (ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଖବରଦାତା ସଂଘ ପକ୍ଷରୁ ବ୍ରାହ୍ମଣୀଗାଁ ପଞ୍ଚାୟତ ସଭାଗୃହଠାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସଭାପତି ପ୍ରେମଚାନ୍ଦ ସିଂ ସଭାପତିତ୍ୱ କରିଥିବା ବେଳେ ସହ ସମ୍ପାଦକ ଅରୁଣ ସାହୁ ପରିଚାଳନା କରିଥିଲେ। ବୈଠକରେ ଖବରଦାତାଙ୍କୁ ସୁରକ୍ଷା ନେଇ ଆଲୋଚନା ହୋଇଥିବା ସହ ସେମାନଙ୍କୁ ସରକାରଙ୍କ ପକ୍ଷରୁ ମିଳିଥିବା ଜୀବନ ବୀମା କାର୍ଡ ବଣ୍ଟନ ହୋଇଥିଲା। ସଂଘର ଉପସଭାପତି ଭାବେ ଅଶୋକ ସିଂ, ସହ ସମ୍ପାଦକ ଭାବେ ମାଧବ ପାଇକ ଓ ଗଣ ଯୋଗାଯୋଗ ସଦସ୍ୟ ଭାବେ ମନୋରଞ୍ଜନ ରଣାଙ୍କୁ ନୂତନ ଦାଇତ୍ୱ ପ୍ରଦାନ କରାଯାଇଥିଲା। ସମ୍ପାଦକ ଅଶ୍ୱିନ ମନ୍ତ୍ରୀ, କୋଷାଧ୍ୟକ୍ଷ ତରଣୀ ସାହୁ, ପରାମର୍ଶଦାତା ଲକ୍ଷ୍ମୀକାନ୍ତ ରାଜଗୁରୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଚାଷୀଙ୍କ ଅଜାଣତରେ ଉଠୁଛି କୃଷି ଋଣ

ନୟାଗଡ଼ ଅଫିସ,୧୦।୧୧

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଚଢ଼େୟାପଲ୍ଲୀ ସେବା ସମବାୟ ସମିତି ଲିଃରେ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ କୃଷି ଋଣ ଉଠୁଛି। ମଣ୍ଡିରେ ଧାନ ବିକ୍ରି କରାଯାଇ ନ ଥିଲେ ମଧ୍ୟ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁଛି । ଚାଷୀଙ୍କ ଅଗୋଚରରେ ସମ୍ପାଦକ ଏପରି ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। କାଗଜପତ୍ର ଯାଞ୍ଚ ନାଁରେ ଆକାଉଣ୍ଟ ଓ ଚେକ୍ ସମ୍ପାଦକ ନେଇ ଫେରାଉ ନ ଥିବାରୁ ଚାଷୀ ଋଣ, ଧାନ ଟଙ୍କା ସମ୍ପର୍କରେ ଜାଣି ପାରୁନାହାନ୍ତି। ପୁଣି ସାର ବଣ୍ଟନରେ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଛି। ଏନେଇ କେତେଜଣ ଚାଷୀ ମଙ୍ଗଳବାର ନୟାଗଡ଼ ସହକାରୀ ନିବନ୍ଧକ ସମୂହ (ଏଆରସିଏସ୍)ଙ୍କ ନିକଟରେ ଫେରାଦ ହୋଇ ଏହି ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଛନ୍ତି।

ଏନେଇ ଚାଷୀ କୈଳାସ ଚନ୍ଦ୍ର ନାୟକ କହିଛନ୍ତି, ଚଢ଼େୟାପଲ୍ଲୀ ସେବା ସମବାୟ ସମିତି ଲିଃ ରେ ଚଢ଼େୟାପଲ୍ଲୀ ଓ କଳସାଖମଣ ପଞ୍ଚାୟତ ରହିଛି । ଏଠାକାର ଲୋକମାନେ ଆଦିବାସୀ ସମ୍ପ୍ରଦାୟର। ଚଢ଼େୟାପଲ୍ଲୀ, ବାଲିବେରଣା, ସୁନ୍ଦରକୁମ୍ପା, ଅରଣ୍ଡିଗଣ୍ଡା, ହନୁମନ୍ତ, କଳାପଥର, କେରାବାରୀ ଗାଁର ଅଧିକାଂଶ ଆଦିବାସୀଙ୍କ ନାଁରେ କୃଷିଋଣ କରାଯାଇଛି । ହେଲେ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ଋଣ ଉଠିଛି। ନିରକ୍ଷର ହେତୁ ଆଦିବାସୀମାନେ ଦୁର୍ନୀତିକୁ ଧରି ପାରୁନାହାନ୍ତି । ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ସମ୍ପାଦକ ସେମାନଙ୍କ ଦସ୍ତଖତ ଜାଲିଆତି କରି ହେଉ ଅଥବା କୌଣସି ବାହାନାରେ ସ୍ୱାକ୍ଷର କରି ନେଉଛନ୍ତି । ପରେ ଫନ୍ଦି ଫିକର କରି ଋଣ ମଞ୍ଜୁର ଓ ଧାନ ଟଙ୍କା ଆକାଉଣ୍ଟକୁ ପଠାଉଛନ୍ତି। ଅନ୍ୟପକ୍ଷେ ଆକାଉଣ୍ଟ ଓ ଚେକ୍ ମଧ୍ୟ ଚାଷୀଙ୍କଠାରୁ ବାହାନା କରି ନେଇ ଆଜି ଆସ, କାଲି ଆସ କହି ସମୟ ଗଡାଇ ଚାଲିଛନ୍ତି। କେତେଜଣ ଚାଷୀ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଆଣିବା ପରେ ଧାନକିଣା ଦୁର୍ନୀତି ଓ କୃଷିଋଣ ଜାଲିଆତି ପଦାକୁ ଆସିଛି ବୋଲି ସେ କହିଛନ୍ତି । ପୁନଗୁ ଗାଁର ଚଞ୍ଚଳା କଅଁର କୁହନ୍ତି, ମୁଁ ୧୦ ହଜାର କୃଷି ଋଣ କରି ପରିଶୋଧ କରିଦେଇଛି । ସମ୍ପାଦକ ମୋ ଆକାଉଣ୍ଟ ଦେଉଛି ଦେଉଛି କହି ଦେଇ ନ ଥିଲେ। ହେଲେ ଆକାଉଣ୍ଟ ଆସିବା ପରେ ଜାଣିବାକୁ ପାଇଲି ମୋ ନାଁରେ ଧାନ ବିକ୍ରି ହୋଇଛି, ହେଲେ ମୁଁ ଧାନ ବିକ୍ରି କରିନାହିଁ। ମୋ ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଛି। ମୋ ଆକାଉଣ୍ଟରେ ୧ ଲକ୍ଷ ୯୭ ହଜାର ପର୍ଯ୍ୟନ୍ତ ଅର୍ଥ ଡିପୋଜିଟ୍ ହୋଇଛି। ପରେ ପର୍ଯ୍ୟାୟ କ୍ରମେ ସେହି ଟଙ୍କା ଉଠାଣ ହୋଇଛି । ପୁଣି ମୋ ନାଁରେ ୨୬ ହଜାର ଟଙ୍କାର ଏକ ଋଣ କରାଯାଇଛି। ହେଲେ ମୁଁ ଋଣ ନେଇ ନାହିଁ ବୋଲି ସେ କହିଛନ୍ତି। ଏପରି ଦୁର୍ନୀତି ପରେ ମୁଁ କ'ଣ କରିବି ଜାଣିପାରୁନି । କେରାବାରୀର ଚାଷୀ ବିକ୍ରମ ପ୍ରଧାନ କୁହନ୍ତି, ଚାଷୀ ଗୋଟିଏ ବସ୍ତା ସାର ନେଲେ ସେମାନଙ୍କ ନାଁରେ ୨ରୁ ୩ ବସ୍ତା ପକାଯାଇଛି। ସେହିପରି ସାର ନ ନେଇଥିଲେ ମଧ୍ୟ ୧, ୨ ଓ ୩ ନଂ. ନେଇଛନ୍ତି ବୋଲି ଦର୍ଶାଯାଇଛି । ଅନ୍ୟପକ୍ଷେ ମାୟାଧର ଜାନିଙ୍କ ନାମରେ ଧାନ ଟଙ୍କା ଆକାଉଣ୍ଟକୁ ଆସିଛି । ଧାନ ବିକ୍ରି ନ କରି ଟଙ୍କା ଆସିଲା, ହେଲେ ଧାନ ବିକ୍ରି ପରେ ମାୟାଧରଙ୍କୁ ଟଙ୍କା ଦିଆଯାଉ ନାହିଁ । ମୋ ପରି ଅନେକ ଚାଷୀ ଏମିତି ଫସିଛନ୍ତି, ଯାହା ତଦନ୍ତସାପେକ୍ଷ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ଆମ ସମ୍ପାଦକଙ୍କୁ ଯୋଗାଯୋଗ କରିଥିଲୁ। ହେଲେ ସେ କିଛି ନ କହି ଏଡାଇ ଯାଇଥିଲେ । ଏନେଇ ନୟାଗଡ଼ ସହକାରୀ ନିବନ୍ଧକ ସମୂହ (ଏଆରସିଏସ୍) ଭାସ୍କର ପାଣିଗ୍ରାହୀ କୁହନ୍ତି, ଚଢ଼େୟାପଲ୍ଲୀ ସେବା ସମବାୟ ସମିତି ଲିଃର ଋଣ, ସାର, ଧାନକିଣାରେ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



ଚାଷୀମାନେ ଏଆରସିଏସ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଚଢ଼େୟାପଲ୍ଲୀ ସେବା ସମବାୟ ସମିତି**
- ଧାନ ବିକ୍ରି ନ କରି ଆକାଉଣ୍ଟକୁ ଆସୁଛି ଟଙ୍କା
- ଆକାଉଣ୍ଟ, ଚେକ୍ ରହୁଛି ସମ୍ପାଦକଙ୍କ ପାଖରେ
- ଦୁର୍ନୀତିର ତଦନ୍ତ ପାଇଁ ଏଆରସିଏସ୍‌ଙ୍କୁ ଫେରାଦ

## ସଂକ୍ଷେପରେ

### ଶାଗୁଆନ ପଟା ସହିତ ଅଟୋରିକ୍ସା ଜବତ, ଡ୍ରାଇଭର ଅଟକ

**ଓଡ଼ଗାଁ,୧୦।୧୧(ସ୍ୱ.ପ୍ର.):** ବୁଧବାର ରାତି ପ୍ରାୟ ୮ଟା ସମୟରେ ଓଡ଼ଗାଁ ବନ ବିଭାଗ କର୍ମଚାରୀମାନେ ଦଲକ ଛକରୁ ଶାଗୁଆନ ପଟା ସହିତ ଏକ ଅଟୋରିକ୍ସା ଜବତ କରିଛନ୍ତି। ଏହି ଘଟଣାରେ ଅଟୋ ଚାଳକଙ୍କୁ ଅଟକ ରଖାଯାଇଛି । ରେଞ୍ଜର ଅମ୍ରିତ କୁମାର ସାହୁଙ୍କ ସୂଚନା ଅନୁସାରେ ବନ କର୍ମଚାରୀ ପାଟ୍ରୋଲିଂରୁ ଫେରୁଥିବା ବେଳେ ଓଡି ୨୫ ଏଲ ୧୬୧୮ ନମ୍ବର ବିଶିଷ୍ଟ ଏକ ଅଟୋରିକ୍ସା ସେମାନଙ୍କୁ ଅତିକ୍ରମ କରିଥିଲା । ଅଟୋରିକ୍ସାର ପାଲ ତଳେ ଶାଗୁଆନ ପଟା ଥିବା ବନ କର୍ମଚାରୀମାନେ ଅନୁମାନ କରି ଅଟୋକୁ ପିଛା କରି ଯାଞ୍ଚ କରିଥିଲେ । ସେଥିରୁ ୧୫ ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଛି । ସେହି ପଟାର ମୂଲ୍ୟ ପ୍ରାୟ ୨୫ ହଜାର ଟଙ୍କା ହେବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି । ଅଟୋ ମାଲିକ ବାହାଡ଼ାପିଠା ଗ୍ରାମର ହୋଇଥିବା ବେଳେ ଅଟକ ଚାଳକ ମଶାବାରି ଗ୍ରାମର ବୋଲି ସୂଚନା ମିଳିଛି ।

### ୩ ଆଇଆଇସିଙ୍କ ବଦଳି

**ନୟାଗଡ଼ ଅଫିସ,୧୦।୧୧:** ଆଇଆଇସିଙ୍କ ସ୍ତରରେ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କୁ ଶରଣକୁଳ ଥାନାକୁ ବଦଳି କରାଯାଇଥିବା ବେଳେ ଶରଣକୁଳ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତଙ୍କୁ ଓଡ଼ଗାଁ ଆଦର୍ଶ ଥାନାକୁ ବଦଳି କରାଯାଇଛି । ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନାଙ୍କୁ ନୟାଗଡ଼ ଟାଉନ ଥାନାକୁ ବଦଳି କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଓଡ଼ଗାଁ ଆଦର୍ଶ ଥାନା ଓ ନୟାଗଡ଼ ଟାଉନ ଥାନା ଆଇଆଇସି ଙ୍କର ଅଦଳବଦଳ ହୋଇଥିଲା। ଏଥିରେ ଅନ୍ୟ କିଛି ଆଇଆଇସିଙ୍କର ବଦଳି ହୋଇଥିଲା।

### ମେଗା ଆଇନ ସେବା ଶିବିର

**ନୟାଗଡ଼ ଅଫିସ,୧୦।୧୧:** ଜିଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଚଳିତ ମାସ ୧୩ ତାରିଖ ପୂର୍ବାହ୍ନ ୧୦ଟାରେ ଏକ ମେଗା ଆଇନ ସେବା ଶିବିର ସ୍ଥାନୀୟ ଡିଆରଡିଏ ସୃଜନ ହଲରେ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟିତ ହେବ । ଏହି ଶିବିରରେ ପ୍ରାକୃତିକ ଦୁର୍ବିପାକରେ ଶିକାର ହେଉଥିବା ଏବଂ ଗରିବ ବ୍ୟକ୍ତିଙ୍କୁ ଚିହ୍ନଟ କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଜନ କଲ୍ୟାଣକାରୀ ସେବା ଓ ସହାୟତା ପ୍ରଦାନ କରାଯିବ । ଆଜାଦିର ଅମୃତ ମହୋତ୍ସବ ପାଳନ ଅବସରରେ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଏହି ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅସ୍ଥାୟୀ ଶିବିର ସୃଜନ ପରିସରରେ ଖୋଲି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଯଥା ଶ୍ରମିକ ପରିଚୟ ପତ୍ର, ଜବ୍‌କାର୍ଡ, ଟ୍ରାଇ ସାଇକେଲ, ଜମିପଟ୍ଟା, ଅନାଥ ପିଲାମାନଙ୍କୁ (କୋଭିଡ୍ ସମୟରେ) ପ୍ରୋତ୍ସାହନ ରାଶି, ଜମିପଟ୍ଟା ଆଦି ବଣ୍ଟନ କରାଯିବ ।

### ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ ।

**ଖଣ୍ଡପଡ଼ା,୧୦।୧୧ (ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ଗ୍ରାମସ୍ଥିତ ତ୍ରିନାଥ ଦେବଙ୍କ ୩୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ସମୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ରାତିରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପୌରାଣିକ ନାଟକ କୁନ୍ତୀଙ୍କ ଗୁରୁଦକ୍ଷିଣା ମଞ୍ଚସ୍ଥ ହୋଇଥିଲା। କିଆଝର ପଞ୍ଚାୟତ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ।

## ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନୟାଗଡ଼ ଅଫିସ,୧୦।୧୧

ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ଘଟିଥିବା ୩ ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ରାୟ ବୁଧବାର ନୟାଗଡ଼ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ପ୍ରକାଶ ପାଇଛି । ୧୪ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ, ସରକାରୀ ଓକିଲଙ୍କ ଯୁକ୍ତି, ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ବଳାତ୍କାରୀ ରାମଚନ୍ଦ୍ରପୁରର ଟୁକୁନି ସାହୁ ଓରଫ ବିଜୟ (୨୨)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ୨ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୩୭୬ ଓ ୬ ପୋକ୍‌ସୋ ଆକ୍ଟ ଦଫା ମଧ୍ୟରୁ କେବଳ ୬ ପୋକ୍‌ସୋ ଆଇନରେ ଦଣ୍ଡ ହୋଇଛି । ସରକାରୀ ଓକିଲ ଅମିୟ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ୨୦୧୬ ଅଗଷ୍ଟ ୨୧ ଅପରାହ୍ନରେ ଟୁକୁନି ସାହୁ ଗୋପାଳପୁର ଅଞ୍ଚଳର ଜଣେ ୩ ବର୍ଷୀୟା ନାବାଳିକାଙ୍କୁ ଏକ ପରିତ୍ୟକ୍ତ ଘରେ ବଳାତ୍କାର କରିଥିଲେ । ଏନେଇ ୧୭୫/୧୬ରେ ମାମଲା ରୁଜୁ ପରେ ପୋଲିସ ଟୁକୁନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେଦିନଠାରୁ ଟୁକୁନି ଜେଲ୍‌ରେ ଅଛନ୍ତି ।

## କେଶରିୟା ହିନ୍ଦୁ ବାହିନୀର ନୂତନ କର୍ମକର୍ତ୍ତା

ଖଣ୍ଡପଡ଼ା,୧୦।୧୧ (ସ୍ୱ.ପ୍ର.)

ସର୍ବଭାରତୀୟ ହିନ୍ଦୁ ସଙ୍ଗଠନ କେଶରିୟା ହିନ୍ଦୁ ବାହିନୀ ଓଡ଼ିଶା ପ୍ରଦେଶର ନୂତନ କର୍ମକର୍ତ୍ତା । ଚୟନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଭାବେ ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମର ସାମାଜିକ କର୍ମୀ ଟିଟନ ସାହୁ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ରଶ୍ମିମୟୀ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ରତ୍ନପ୍ରଭା ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ମାର୍ଗଦର୍ଶକ ରବୀନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି । ହିନ୍ଦୁ ଧର୍ମର ପ୍ରସାର ସହ ସୁରକ୍ଷାକୁ ସଦାସର୍ବଦା ପ୍ରାଥମିକତା ଦେଉଥିବା କେଶରିୟା ହିନ୍ଦୁ ବାହିନୀର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସମସ୍ତ ସଦସ୍ୟ ଏହି ଅବସରରେ ଆଲୋଚନା କରିଥିଲେ ।



ସଭାପତି ଟିଟନ ସାହୁ ।

## ବେଆଇନ କମ୍ପ୍ୟୁଟର ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ



ଅତିରିକ୍ତ ଜିଲାପାଳଙ୍କୁ ଭେଟି ସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ସଂସ୍ଥାର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ନୟାଗଡ଼ ଅଫିସ,୧୦।୧୧

**ଏଡିଏମ୍‌ଙ୍କୁ ଭେଟିଲେ ସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ସଂସ୍ଥା କର୍ମକର୍ତ୍ତା**

ନୟାଗଡ଼ ଜିଲାରେ କେତେକ ଏନ୍‌ଜିଓ ଓ ଅଣଅନୁମୋଦିତ ଶିକ୍ଷା ଅନୁଷ୍ଠାନ ବେଆଇନ ଭାବେ ଡିସିଏ ଓ ପିଜିଡିସିଏ ପାଠ୍ୟକ୍ରମର ସାର୍ଟିଫିକେଟ ପ୍ରଦାନ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି । ଫଳରେ ସେହି ଛାତ୍ରୀଛାତ୍ର ଚାକିରି କ୍ଷେତ୍ରରେ ହଇରାଣ ହେଉଛନ୍ତି। ଗଞ୍ଜାମ ଓ ଢେଙ୍କାନାଳରେ ଗ୍ରାମ ରୋଜଗାର ସେବକଙ୍କ ସାର୍ଟିଫିକେଟ ପ୍ରତ୍ୟାଖ୍ୟାନ ପରେ ଛାତ୍ରୀଛାତ୍ର ଭୟଭୀତ ହୋଇପଡିଛନ୍ତି। ଏଭଳିସ୍ଥଳେ ଜାଲିଆତିରେ ସମ୍ପୃକ୍ତ ଥିବା ଏନ୍‌ଜିଓ ଏବଂ ଅଣଅନୁମୋଦିତ ଶିକ୍ଷା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେତେକ ସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ଅନୁଷ୍ଠାନ କର୍ମକର୍ତ୍ତା ଆଗକୁ ବାହାରିଛନ୍ତି । ଏପରି ଏନ୍‌ଜିଓ ଏବଂ ଅଣଅନୁମୋଦିତ ଶିକ୍ଷା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି । ସ୍ୱୀକୃତିପ୍ରାପ୍ତ କମ୍ପ୍ୟୁଟର ଅନୁଷ୍ଠାନ ପକ୍ଷରୁ ଧୀରେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ମହାନ୍ତି, ଅଜୟ ପୃଷ୍ଟି ପ୍ରମୁଖ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ବୁଧବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

## ଆଙ୍ଗିସିଙ୍ଗି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି

ନୟାଗଡ଼ ଅଫିସ,୧୦।୧୧

ଓଡ଼ଗାଁ ବ୍ଲକର ଆଙ୍ଗିସିଙ୍ଗି ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଶିଖରପୁର ବନମାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। କ୍ଲଷ୍ଟରରେ ଥିବା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ବିଦ୍ୟାଳୟସ୍ତରୀୟ ତର୍କ, ଚିତ୍ରାଙ୍କନ, ରଚନା, କଣ୍ଠ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଓ ୨ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ସିଆରସିସି ରବୀନ୍ଦ୍ର ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଦାସ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଶିଖରପୁର ବନମାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ରଥ, ଶିକ୍ଷକ କାମାକ୍ଷୀ ପ୍ରସାଦ ସାହୁ, ପ୍ରଶାନ୍ତ ଦାଶ ଅତିଥି ରୂପେ ଯୋଗ ଦେଇଥିଲେ ।

## ଅଖିଳ ଭାରତ କୃଷକ ସଭା ପକ୍ଷରୁ କର୍ମଶାଳା

ଦଶପଲ୍ଲା,୧୦।୧୧(ଡି.ଏନ.ଏ.)

ଦଶପଲ୍ଲା ଶିକ୍ଷକ ଭବନରେ ଅଖିଳ ଭାରତ କୃଷକ ସଭା ଦଶପଲ୍ଲା ବ୍ଲକ୍ କମିଟି ପକ୍ଷରୁ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ବ୍ଲକ୍ କମିଟି ସଭାପତି ବ୍ରଜବନ୍ଧୁ ପ୍ରଧାନ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ ଓ ଉତ୍ତରପ୍ରଦେଶରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢାଇ ହତ୍ୟା କରିଥିବା ଆନ୍ଦୋଳନରତ ଚାଷୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଙ୍ଗଠନର ବ୍ଲକ୍ କମିଟି ସମ୍ପାଦକ ଗଣେଶ୍ୱର ନାୟକ ପ୍ରାରମ୍ଭିକ ବକ୍ତବ୍ୟ ଦେଲା ପରେ କୃଷକ ସଭାର ରାଜ୍ୟ କର୍ମକର୍ତ୍ତା ତଥା ପୂର୍ବତନ ରାଜ୍ୟ ସଭାପତି ଅଭିରାମ ବେହେରା ଚାଷୀମାନଙ୍କ ସମସ୍ୟା ସହିତ କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ଏବଂ ତାକୁ ପ୍ରତ୍ୟାହାର ଦାବି କରିଥିଲେ । ସଙ୍ଗଠନର ନୟାଗଡ଼ ଜିଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର ଓ ସିପିଏମ୍ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା କୃଷକ ବିରୋଧୀ ନୀତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବୃତଙ୍ଗ ଜଳସେଚନ ଯୋଜନା ପାଇଁ ଦାବି ଉପସ୍ଥାପନ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । ସଭାପତି ବ୍ରଜବନ୍ଧୁ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।





କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର





ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ ।

ଖଣ୍ଡପଡ଼ା,୧୦।୧୧(ସ୍ୱ.ପ୍ର.)

**୭୫ ୟୁନିଟ ରକ୍ତ ସଂଗ୍ରହ**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ବୁଧବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଅରୂପ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା ଓ କଲେଜ ଅଧ୍ୟକ୍ଷ ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ଶିବିରରେ ୭୫ ଜଣ ଛାତ୍ରୀଛାତ୍ର, ଶିକ୍ଷକ, ଅଣଶିକ୍ଷକ ଓ ସ୍ଥାନୀୟ ଲୋକମାନେ ରକ୍ତଦାନ କରିଥିଲେ । ନୟାଗଡ଼ ବ୍ଲଡ ବ୍ୟାଙ୍କ ପକ୍ଷରୁ କାଉନ୍‌ସିଲର ଅଜୟ କୁମାର ପଟ୍ଟନାୟକ, ଟେକ୍‌ନିସିଆନ ସରୋଜ କୁମାର ସାହୁ, ସନ୍ତୋଷ ସାମନ୍ତସିଂହାର, ଷ୍ଟାଫ ନର୍ସ ସସ୍ମିତା ମହାରଣା, ଜୟନ୍ତୀ ସାହୁ, ପଞ୍ଚୁ ଦଳେଇ, ପ୍ରଫୁଲ୍ଲ ପ୍ରତିହାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଜେଲ

ବ୍ରହ୍ମପୁର ଅଫିସ,୧୦।୧୧

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ପରିବହନ)ସଞ୍ଜୟ କୁମାର ମିଶ୍ର ଏକ ଆକ୍ରମଣ ମାମଲାର ବିଚାର କରିଥିଲେ। ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଯୋଗୀ ଦାସଙ୍କୁ ୬ମାସ ଜେଲଦଣ୍ଡରେ ସେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୬ ଜାନୁୟାରୀ ୨ରେ କୁକୁଡ଼ାଖଣ୍ଡିରେ ଏକ ଭୋଜି ହେଉଥିଲା। ସେଠାରେ ମଙ୍ଗୁଲୁ ଦାସ ଭୋଜି ଖାଉଥିବା ବେଳେ ଯୋଗୀ ମଧ୍ୟ ସେଠାରେ ପହଞ୍ଚିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୋଗୀ ଏକ ପଥରରେ ମଙ୍ଗୁଲୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ନମ୍ବର ୧୨୨/୧୬ ରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ଜାମିନ ପାଇଥିଲେ। ପୋଲିସର ଚାର୍ଜଶିଟ ଓ ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ଦଣ୍ଡାଦେଶର ରାୟ ଦେଇଛନ୍ତି।

# ଫସଲ ନଷ୍ଟ କରୁଛନ୍ତି ବାର୍‌ହାପଲ

ଖଣ୍ଡପଡ଼ା,୧୦।୧୧(ସ୍ୱ.ପ୍ର.)

ଭାପୁର ବ୍ଲକ ଅଧୀନ ଗୋସିଙ୍ଗ ପାହାଡ଼ ତଥା ଜଙ୍ଗଲକୁ ବନ ସୁରକ୍ଷା କମିଟି ପକ୍ଷରୁ ଜଗାରଖା କରାଯିବା ପରେ ଏବେ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ବାର୍‌ହାଙ୍କ ସଂଖ୍ୟା ବି ବଢ଼ିଛି । ହେଲେ ଜଙ୍ଗଲରେ ଖାଦ୍ୟ ଅଭାବ ଥିବାରୁ ବାର୍‌ହାମାନେ ନିକଟସ୍ଥ ଚାଷଜମିକୁ ଆସି ଫସଲ ଉଜାଡି ଦେଉଥିବା ଅଭିଯୋଗ ହେଉଛି । ବାର୍‌ହାଙ୍କ ଉପଦ୍ରବ ଯୋଗୁ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି । ସଞ୍ଜ ନଇଁଲେ ବାର୍‌ହା ପଲ ଜଙ୍ଗଲରୁ ଜନବସତି ଅଞ୍ଚଳକୁ ଚାଲି ଆସି ଫସଲ ନଷ୍ଟ କରୁଛନ୍ତି। ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଧୀନ ସିଧାମୂଳା, ବାଣପୁର, ପଥରଚକଡ଼ା, ମାଧପୁର, କରବର ଆଦି ଅଞ୍ଚଳର ଚାଷୀମାନେ ନଦୀପଠା ଓ ତତ୍‌ସଂଲଗ୍ନ ଜମିରେ ଚିନାବାଦାମ, ପନିପରିବା ଚାଷ କରି ପରିବାର ଗୁଜରାଣ ମେଣ୍ଟାଇଥା'ନ୍ତି । ଏବେ ବାର୍‌ହାଙ୍କ ଯୋଗୁ ସବୁ ଫସଲ ନଷ୍ଟ ହେବାରେ ଲାଗିଛି । ମଙ୍ଗଳବାର ଏକ ବାର୍‌ହା ଗୋସିଙ୍ଗ ଜଙ୍ଗଲରୁ ଖାଦ୍ୟ ଓ ପାଣି ପାଇଁ ନିକଟସ୍ଥ ମାଧପୁର ଯଜ୍ଞପଦାକୁ ଚାଲି ଆସିଥିଲା । ହେଲେ ଅସାବଧାନତା କାରଣରୁ ସେଠାରେ ଥିବା ଏକ କୂଅରେ ଖସିପଡିଥିଲା । ସକାଳୁ ସ୍ଥାନୀୟ ଲୋକେ କୂଅରେ ପଡିଥିବା ବାର୍‌ହାକୁ ଦେଖି ଭାପୁର ବନ ବିଭାଗକୁ ଖବର ଦେଇଥିଲେ । ବନ କର୍ମଚାରୀମାନେ ବାର୍‌ହାକୁ ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି ।





ଗ୍ରାମ ଭିତରକୁ ପଶି ଆସିଥିବା ବାର୍‌ହା । କୂଅରେ ପଡ଼ିଥିବା ବାର୍‌ହା

**ପାଣି ପିଇବାକୁ ଆସି କୂଅରେ ପଡ଼ିଲା**

**Government of Odisha** No. B-584
GOVT. OF ODISHA
**"e" Procurement Notice**
**Bid Identification No. PWDK-12/2021-22**
e-mail: eepwdkeonjhar@yahoo.com
No. G2/7381 Dt.06.11.2021

1. No. of the Work : 07 Nos. Building Works
2. Estimated Cost : From Rs.41.41 to Rs.42.97 lakhs
3. Period of Completion : 6 (Six) Calendar Months
4. Date and time of availability of Bid document in the portal : From 10.00 hr. 15.11.2021 to 17.00 hr. of 24.11.2021
5. Last date/time for receipt of bids in the portal : 17.00 hr. of 24.11.2021
6. Date of Opening of Bid from Portal : 11.30 hrs. of 25.11.2021
7. Name and address of the Officer Inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "http://tendersodisha.gov.in".

Sd./- S.K. Behera
Superintending Engineer
Keonjhar (R&B) Division
OIPR-34004/11/0007/2122